# Odisha Legislative Assembly

## ଦ୍ୱିତୀୟ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୮ ନଭେମ୍ବର ୨୦୨୪

----

[ଜଳ ସମ୍ପଦ - ମୁଖ୍ୟମନ୍ତ୍ରୀ - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ଇସ୍ପାତ ଓ ଖଣି - ଯୋଜନା ଓ ସଂଯୋଜନ - ବାଣିଜ୍ୟ - ସୂଚନା ଓ ଲୋକ ସମ୍ପର୍କ ପରିବହନ ].

ମୋଟ ପ୍ରଶ୍ନର ସଂଖ୍ୟା - 239

----

### ସୌର ଚାଳିତ ଗଭୀର ନଳକୂପର ସ୍ଥିତି

341 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-ସୁନ୍ଦରଗଡ଼ ଜିଲ୍ଲାର ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରେ ପୂର୍ବ ବର୍ଷମାନଙ୍କରେ କେତେ ସୌରଚାଳିତ ଗଭୀର ନଳକୂପ ପ୍ରତିଷ୍ଠା କରାଯାଇଥିଲା ;ସେଗୁଡ଼ିକର ବର୍ତ୍ତମାନର ସ୍ଥିତି କଣ ଏବଂ ବର୍ତ୍ତମାନ ଅଚଳ ହୋଇଥିବା ସୌରଚାଳିତ ଗଭୀର ନଳକୂପ ଗୁଡ଼ିକୁ ସଚଳ କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

### ମରୁଡି ଘୋଷଣା

423 **ଶ୍ରୀ ଅଗସ୍ତି ବେହେରା (ଛେଣ୍ଡିପଦା )ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-ଚଳିତ ବର୍ଷ ସ୍ୱଳ୍ପ ବର୍ଷା ଯୋଗୁଁ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦୁର୍ଗାପୁର, କୁଶକିକା, ବାଲିପଟା, ଚାଘୁଟିଆ, ତେନ୍ତୁଳିଆ, ଜରପଡା, ଜେରଙ୍ଗ, ବାଗଡିଆ ଆଦି ଅଞ୍ଚଳରେ ଫସଲ ବ୍ୟାପକ କ୍ଷତି ଘଟିଛି, ଏହାକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳ ସବୁକୁ ସ୍ୱଳ୍ପ ବୃଷ୍ଟିରୁ ମରୁଡି ଘୋଷଣା ପାଇଁ ପଦକ୍ଷେପ ନେବେ କି ?

----

## ମହାନଦୀ ଓ ପୋଲାଭରମ ବିବାଦର ସମାଧାନ

429 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟପାଇଁ ଗଭୀର ସଙ୍କଟ ଦେଖାଯାଇଥିବା ପୋଲାଭରମ୍ ଓ ମହାନଦୀ ଜଳ ବିବାଦ ବର୍ତ୍ତମାନ କେଉଁ ସ୍ତରରେ ; ସମସ୍ୟାର ସମାଧାନ ପାଇଁ ସରକାର କେଉଁ ପ୍ରକାର ଧ୍ୟାନ ଦେଇଛନ୍ତି ; ଏହାର ସଠିକ୍ ତଥ୍ୟ ଉପସ୍ଥାପନ କରିବେ କି ; ମହାନଦୀରେ ଜଳ ସଂରକ୍ଷଣ ପାଇଁ ଦୀର୍ଘ ମିଆଦୀ ଯୋଜନା କଣ?

----

## ପୋସ୍କୋ ଦ୍ୱାରା ଇସ୍ପାତ କାରଖାନା ପାଇଁ ଚୁକ୍ତି

430 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ବାତ୍ୟାର ସ୍ଥାୟୀ ପ୍ରତିକାର

431 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟବାସୀ ସମ୍ମୁଖୀନ ହୋଇଥିବା ୧୯୯୯ ମହାବାତ୍ୟା ଠାରୁ ପ୍ରତ୍ୟେକ ବର୍ଷରୁ ଏପର୍ଯ୍ୟନ୍ତ କେଉଁ ବର୍ଷମାନଙ୍କରେ କେତେଥର ବାତ୍ୟା ଓଡିଶାବାସୀ ସମ୍ମୁଖୀନ ହୋଇଛନ୍ତି ; ଏହାର ସ୍ଥାୟୀ ପ୍ରତିକାର ପାଇଁ ସରକାରଙ୍କର ଦୀର୍ଘ ମିଆଦୀ ଯୋଜନା କଣ ; ଏପରିସ୍ଥିତି ମୁକାବିଲା କରିବାକୁ କେଉଁ ବୈଜ୍ଞାନିକ ପଦ୍ଧତିକୁ ସରକାର ଆପଣେଇଛନ୍ତି?

----

## ଦାନା ବାତ୍ୟାଦ୍ୱାରା ବାସଗୃହ ଓ ଫସଲ ନଷ୍ଟ

432 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ଦାନା ବାତ୍ୟା ଦ୍ୱାରା ରାଜ୍ୟରେ ସମୁଦାୟ କେତେ ଫସଲ ନଷ୍ଟ ହୋଇଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବା ସହିତ ପ୍ରଭାବିତ ଜିଲ୍ଲାଗୁଡିକରେ କେତେ ବାସଗୃହ, ଧନଜୀବନ ନଷ୍ଟ ହୋଇଅଛି ; ସେଥିପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ; ସେମାନଙ୍କ କ୍ଷତିପୂରଣ ରାଶି କେବେ ସୁଦ୍ଧା ପ୍ରଦାନ କରାଯିବ ?

----

## ଦୁର୍ବଳ ନଦୀବନ୍ଧ ସୁଦୃଢିକରଣ

433 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଓ ଏରସମା ବ୍ଲକର କାଠଗଡ ଠାରୁ ବଳଭଦ୍ରପୁର ଓ ଗଡହରିସପୁର ପୂର୍ବତଟ ହାୱାଖାନା ଠାରୁ ରାମତରା ପର୍ଯ୍ୟନ୍ତ ନଦୀବନ୍ଧ ଦୁର୍ବଳ ଥିବାର ସରକାର ଅବଗତ ଅଛନ୍ତି କି ; ଯଦି ଉତ୍ତର ହଁ ହୁଏ ତେବେ ଏହାର ସୁଦୃଢିକରଣ କରିବା ପାଇଁ କି କି ପଦକ୍ଷେପ ନେଇଛନ୍ତି?

----

## ରାଜସ୍ୱ ଆଇନ ୧୨(ସି)ର ସରଳିକରଣ

434 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜସ୍ୱ ଆଇନର ଧାରା ୧୨(ସି) ଅନୁଯାୟୀ ପୈତୃକ ଜମିକୁ ଉତ୍ତରାଧିକାରୀଙ୍କ ମଧ୍ୟରେ ପ୍ରାପ୍ୟଭାଗ ଅନୁଯାୟୀ ରେକର୍ଡଭୁକ୍ତ କରି ତାଙ୍କ ନାମରେ ସ୍ୱତ୍ତ୍ୱଭୁକ୍ତ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରି ବିଗତ ତିନି ବର୍ଷରେ କେଉଁ ଜିଲ୍ଲାର କେଉଁ ତହସିଲରେ କେତେଗୋଟି ଖାତାଫାଡ କରାଯାଇଛି ଏହାକୁ ଅଧିକ କ୍ରୀୟାଶୀଳ କରି ପରିବାର ଅଂଶୀଦାରମାନଙ୍କ ମଧ୍ୟରେ ଜମି ଆବଣ୍ଟନ ସୁସଂହତ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଖଣି ଖନନ ପରେ ଗର୍ତ୍ତରେ ବାଲି ପୂରଣ କରିବା

435 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- OMC Rule, 2004 ର ଧାରା 56 xvi ଧାରା ଅନୁଯାୟୀ ଖଣି ଖନନ ପରେ ସୃଷ୍ଟି ହେଉଥିବା ଗର୍ତ୍ତରେ ମାଟି ଓ ବାଲି ପୂରଣ କରି ପରିବେଶ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ନିୟମଥିବା ବେଳେ ରାଜ୍ୟରେ ଖଣି ମାଲିକମାନେ ମାଟି ବାଲି ପୂରଣ କରୁନଥିବା ଅଭିଯୋଗ ପ୍ରତି ସରକାର ସଚେତନ ଅଛନ୍ତି କି ; ଉତ୍ତର ହଁ ହେଲେ ଅଦ୍ୟାବଧି ନିୟମ ଖିଲାପ କରୁଥିବା କେତେଜଣ ଖଣି ମାଲିକମାନଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ଏହି ନିୟମ କଡାକଡି ଅନୁପାଳନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

## ମହାନଦୀର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ

436 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ମହାନଦୀରେ ବିଗତ 2020-21, 2021-22, 2022-23, 2023-24 ଓ 2024-25 ଅକ୍ଟୋବର ଶେଷ ସୁଦ୍ଧା ହୀରାକୁଦ ତଳମୁଣ୍ଡରେ କେଉଁ ମାସରେ କେତେ ଜଳପ୍ରବାହ ହୋଇଛି ; କେଉଁ ବର୍ଷ କେତେଥର ବନ୍ୟା ହୋଇଛି, ଦିନକୁ ଦିନ ମହାନଦୀରେ ଜଳ ପ୍ରବାହ ହ୍ରାସ ପାଇଁ ମହାନଦୀ ଓ ତାହାର ଶାଖାନଦୀ ଶୁଷ୍କ ନଦୀରେ ପରିଣତ ହୋଇ ଜଳସେଚନ ଓ ପାନୀୟ ଜଳ ଯୋଗାଣରେ ଆଶଙ୍କା ସୃଷ୍ଟି ପରିପ୍ରେକ୍ଷୀରେ ମହାନଦୀ ଜଳକୁ ଛତିଶଗଡ ଅଟକାଇ ଏହି ସ୍ଥିତି ସୃଷ୍ଟି କରୁଥିବାରୁ ମହାନଦୀର ସୁରକ୍ଷା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଖଣିଜ ପଦାର୍ଥ ରପ୍ତାନୀ

437 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ରାଜ୍ୟରୁ କେଉଁ କେଉଁ ଖଣିଜ ସମ୍ପଦରୁ କେତେ ପରିମାଣ କେଉଁ ଦେଶକୁ ରପ୍ତାନୀ କରାଯାଇ ସେ ବାବଦରେ କେତେ ରାଜସ୍ୱ ଆଦାୟ ହୋଇଛି?

----

## ବାତ୍ୟା ଦ୍ୱାରା ଫସଲ ନଷ୍ଟ

438 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ବର୍ଷ November 23 ରେ "DANA" ନାମକ ମହାବାତ୍ୟାରେ ସିମୁଳିଆ ଓ ଖଇରା ବ୍ଲକରେ ହୋଇଥିବା ବ୍ୟାପକ କ୍ଷୟକ୍ଷତି ସରକାରଙ୍କ ଦୃଷ୍ଟିକୁ ଆସିଛି କି ଏବଂ କୃଷକମାନଙ୍କର ସମ୍ପୂର୍ଣ୍ଣ ଫସଲ ନଷ୍ଟ ହୋଇଥିବା ନେଇ ରାଜ୍ୟ ସରକାର R.I. ମାନଙ୍କ ଦ୍ୱାରା ତଦନ୍ତ କରାଇ ଚାଷୀମାନଙ୍କୁ ଋଣ ଛାଡ ବ୍ୟବସ୍ଥା ସହ Special package ଘୋଷଣା କରିବେ କି?

----

## ଭୂମିହୀନ ପରିବାରଙ୍କୁ ଘରଡିହ ପଟ୍ଟା ବଣ୍ଟନ

439 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲା ଅଧିନସ୍ଥ ସିମୁଳିଆ ଓ ଖଇରା Tahasil ଅଞ୍ଚଳରେ କେତେ ଭୂମିହୀନ ପରିବାର ଚିହ୍ନଟ କରାଯାଇଅଛି, ତନ୍ମଧ୍ୟରୁ କେତେଜଣ ପରିବାରକୁ ଜମି ଓ ଘରଡିହ ବଣ୍ଟନ କରାଯାଇଛି, ଅବଶିଷ୍ଟ ପରିବାରକୁ କେବେସୁଦ୍ଧା ପଟ୍ଟା ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ତାହା ଜଣାଇବେ କି ?

----

## ODRAF ଓ NDRAF Unit ଖୋଲିବା

440 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସିମୁଳିଆ ନିର୍ବାଚନ ମଣ୍ଡଳୀଟି ଦୁଇଟି ବ୍ଲକରେ ପରିଣତ ହେଉଥିବାସ୍ଥଳେ ପ୍ରତି ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯଥା- ବନ୍ୟା, ବାତ୍ୟାରୁ ସାଧାରଣ ଜନସାଧାରଣଙ୍କୁ ରକ୍ଷା କରିବା ପାଇଁ ସରକାରଙ୍କ ତରଫରୁ କୌଣସି ବ୍ୟବସ୍ଥା ନଥିବାସ୍ଥଳେ, ବାତ୍ୟା ସମୟରେ ମୁକାବିଲା କରିବା ପାଇଁ ଦୁଇଟି ବ୍ଲକରେ ODRAF, NDRAF Unit ଖୋଲିବା ପାଇଁ ପଦକ୍ଷେପ ନେବେ କି ?

----

## ନଦୀ ଶଯ୍ୟାରେ ଚେକ୍ ଡ୍ୟାମ୍ ନିର୍ମାଣ

441 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- (କ) କେନ୍ଦୁଝର ଜିଲ୍ଲାରେ ପ୍ରବାହିତ ଗୁପ୍ତଗଙ୍ଗାସ୍ୱରୂପିଣୀ ପୁଣ୍ୟତୋୟା ବୈତରଣୀ ନଦୀ, କାରୋ, ସୁନା, କୁଶେଇ ଓ ଅନ୍ୟ କେଉଁ ନଦୀ, ଝରଣା ଜଳାଧାରରୁ କେଉଁ ଶିଳ୍ପ, ଖଣି, ସହର ଓ ଅନ୍ୟ ବ୍ୟବସାୟୀକ ପ୍ରତିଷ୍ଠାନ ୨୦୨୦-୨୧, ୨୦୨୧-୨୨, ୨୦୨୨-୨୩ ଓ ୨୦୨୪-୨୫ ଆର୍ଥିକ ବର୍ଷର ଅକ୍ଟୋବର ଶେଷ ସୁଦ୍ଧା କେଉଁ ମାସରେ କେତେ ଜଳ ଉତ୍ତୋଳନ କରିଛନ୍ତି, ସେ ବାବଦରେ କେତେ ଜଳକର ଧାର୍ଯ୍ୟ ହୋଇଥିବା ବେଳେ କେତେ ଜଳକର ଆଦାୟ ହୋଇଛି, ଜଳ ଉତ୍ତୋଳନ ପାଇଁ କୌଣସି ମାପକ ବ୍ୟବସ୍ଥା ସମ୍ପାଦନ ହୋଇଛି କି, ଯଦି ନାହିଁ, ତାହା ବ୍ୟବସ୍ଥା କରିବେ କି ; (ଖ) ଅକ୍ଟୋବର ମାସ ଠାରୁ ବୈତରଣୀ ସହ ଅନ୍ୟ ନଦୀ ଗୁଡ଼ିକର ଜଳ ପ୍ରବାହ ହ୍ରାସ ପାଇ ନଦୀ ଶଯ୍ୟା ଶୁଷ୍କ ହେଉଥିବା ପରିପ୍ରେକ୍ଷୀରେ ନଦୀଶଯ୍ୟାରେ ଚେକ୍‌ଡ୍ୟାମ୍ ନିର୍ମାଣ କରି ପାଣି ଅଟକାଇ ନଦୀଶଯ୍ୟା ବର୍ଷସାରା ଜଳପୂର୍ଣ୍ଣ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଭୂମିହୀନ ମାନଙ୍କୁ ଜମି ଯୋଗାଣ

442 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ː**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଅଦ୍ୟାବଧି କେନ୍ଦୁଝର ଜିଲ୍ଲାର କେଉଁ ତହସିଲ୍‌ରେ କେତେ ଭୂମିହୀନ ଚିହ୍ନଟ ହୋଇଛନ୍ତି, ବିଗତ ତିନି ବର୍ଷରେ କେତେ ଭୂମିହୀନ ପରିବାରକୁ ଜମି ଓ ଘରଡିହ ପଟ୍ଟା ଯୋଗାଇ ଦିଆଯାଇଛି, ତାହାର ତହସିଲୱାରୀ ବିବରଣୀ ଦର୍ଶାଇ ଜିଲ୍ଲାରେ କେବେ ସୁଦ୍ଧା ଭୂମିହୀନ ମାନଙ୍କୁ ଜମି ଯୋଗାଣ ପୂର୍ଣ୍ଣାଙ୍ଗ କରାଯିବ ?

----

## ପ୍ରତ୍ୟେକ ଜିଲ୍ଲାରେ ଓଡ୍ରାଫ ଟିମ୍ ଗଠନ

443 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ː**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ କେତୋଟି ଓଡ୍ରାଫ ଟିମ୍ ଗଠନ କରାଯାଇଛି, ପ୍ରକାଶ କରି ପ୍ରତ୍ୟେକ ଜିଲ୍ଲାରେ ଓଡ୍ରାଫ୍ ଟିମ୍ ଗଠନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ବାଲିଘାଟ ନିଲାମ ଦ୍ୱାରା ରାଜସ୍ୱ ଆୟ

444 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ː**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବିଗତ ତିନି ବର୍ଷରେ କେଉଁ ଜିଲ୍ଲାର କେଉଁ ନଦୀ ବାଲିଘାଟ ନିଲାମ ବାବଦରେ ସରକାର କେତେ ରାଜସ୍ୱ ପାଇଛନ୍ତି, ତାହାର ବିବରଣୀ ଦର୍ଶାଇ ବାଲିଚୋରି ରୋକିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ଜଳ ନିଷ୍କାସନ ପାଇଁ ପଦକ୍ଷେପ

445 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ː**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-

ମହାନଦୀ, ଚନ୍ଦକା ଅଭୟାରଣ୍ୟ, ବରୁଣେଇ ପାହାଡ଼, କୁଆଖାଇ, ପ୍ରାଚୀ, କୁଶଭଦ୍ରା, ଦୟା, ଭାର୍ଗବୀ ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ରାଜଧାନୀ ଭୁବନେଶ୍ୱର, ବାରଙ୍ଗ, ଭୁବନେଶ୍ୱର, ଜଟଣୀ, ଖୋର୍ଦ୍ଧା, ବାଲିଅନ୍ତା ବ୍ଲକର ବିସ୍ତୀର୍ଣ୍ଣ ଅଞ୍ଚଳର ଜଳ ନିଷ୍କାସନ ପଥ ଅବରୋଧ ହେତୁ ସାମାନ୍ୟ ବର୍ଷାରେ ଏହି ଅଞ୍ଚଳ ଜଳାର୍ଣ୍ଣବ ହୋଇ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇ ଜନଜୀବନ ବିପର୍ଯ୍ୟସ୍ତ ହେଉଥିବା ପ୍ରତି ସରକାର ସଚେତନ ଅଛନ୍ତି କି, ଉତ୍ତର ହଁ ହେଲେ ଏହାର ପ୍ରତିକାର ପାଇଁ କେଉଁ କେଉଁ ପୂର୍ବତନ ବିଧାୟକ ଓ ବର୍ତ୍ତମାନର ବିଧାୟକ କେତେ ତାରିଖ ପତ୍ରରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି, ତାଙ୍କ ପତ୍ର ଆଧାରରେ ଏହାକୁ ତର୍ଜମା କରି ରାଜଧାନୀ ଚତୁଃପାର୍ଶ୍ୱ ଅଞ୍ଚଳର ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଗମ କରି ଏହାକୁ ଶୂନ୍ୟ ଜଳପ୍ଳାବନ କରିବାକୁ କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ଜମି

446 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଜଟଣୀ ନିର୍ବାଚନ ମଣ୍ଡଳୀର ଜଟଣୀ ସହର ସହ ଆଖପାଖ ଅଞ୍ଚଳ ମୌଜାର ପ୍ରଜାମାନଙ୍କ ନିଜସ୍ୱ ଜମି ଜଣେ ରାଜସ୍ୱ ଅଧିକାରୀଙ୍କ ତ୍ରୁଟି ପାଇଁ ଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ସତ୍ୱଭୁକ୍ତ ହେବା ଯୋଗୁଁ ପ୍ରଜାମାନେ ନିଜ ଜମି ବିକ୍ରି, ବନ୍ଧକ ଦେଇ ପିଲାଙ୍କ ପାଠପଢ଼ା, ଝିଅ ବିଭାଘର ଆଦି ସାମାଜିକ କାର୍ଯ୍ୟ ସମ୍ପାଦନ କରିବାରେ ବିଫଳ ହେଉଥିବା କାରଣରୁ ନାଗରିକ ସମାଜ ସହ କ୍ଷତିଗ୍ରସ୍ତ ପ୍ରଜାମାନେ ସେମାନଙ୍କ ଜମି ଜଗନ୍ନାଥ ମହାପ୍ରଭୁଙ୍କ ନାମରୁ କାଟି ତାଙ୍କ ନାମରେ ସ୍ୱତ୍ୱଭୁକ୍ତ କରିବାକୁ କ୍ରମାଗତ ଭାବେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ସମ୍ପର୍କରେ ଅବଗତ ଅଛନ୍ତି କି, ଉତ୍ତର 'ହଁ' ହେଲେ, ଏହି ଜମିକୁ ପ୍ରଜାମାନଙ୍କୁ ଫେରାଇ ସେମାନଙ୍କ ନାମରେ ପୂର୍ବବତ୍ ସ୍ୱତ୍ୱଭୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ରାଜସ୍ୱ ବଙ୍ଗଳାର ଆଧୁନିକୀକରଣ

447 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଆସିକା ତହସିଲର ନୂତନ କୋଠା ଓ ଆଧୁନିକୀକରଣ (Digitation) ନିମନ୍ତେ Plan ଓ Estimate ପ୍ରସ୍ତୁତ ହୋଇସାରିଛି, ଉକ୍ତ କାର୍ଯ୍ୟ କେବେଠାରୁ ଆରମ୍ଭ ହେବ ଜଣାଇବେ କି, (ଖ) ରାଜସ୍ୱ ବିଭାଗର ଅଧିନରେ ଥିବା ଆସିକା ଓ ଖଣ୍ଡରାବଳୀର ରାଜସ୍ୱ ପରିଦର୍ଶନ ବଙ୍ଗଳାଗୁଡିକର ଆଧୁନିକୀକରଣ ସହ ନୂତନ କୋଠାର ଆବଶ୍ୟକ ଥିବାରୁ ଏହା କେତେ ଦିନ ମଧ୍ୟରେ କରାଯିବ ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି ?

----

## ଉପଜିଲ୍ଲାପାଳମାନଙ୍କ Camp Court ସପ୍ତାହକୁ 3 ଦିନ କରିବା

448 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଆସିକାରେ ଉପ ଜିଲ୍ଲାପାଳ, ଭଞ୍ଜନଗରଙ୍କ Camp ଅଫିସ ବା କୋର୍ଟ ସପ୍ତାହକୁ ତିନିଦିନ କରିବା ସରକାରଙ୍କ ଲିଖିତ ପତ୍ର ଥିଲେ ମଧ୍ୟ ମାତ୍ର ସପ୍ତାହକୁ କେବଳ ଏକ ଦିନ ଅର୍ଥାତ ବୁଧବାର ଦିନ ଆସି ଅଫିସ କରୁଛନ୍ତି, ଯାହାକି ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବା ଯୋଗୁଁ Camp ଅଫିସ ସଠିକ୍ ରୂପେ ପରିଚାଳିତ ହୋଇ ପାରୁନାହିଁ, ଯଦ୍ୱାରା ସାଧାରଣ ବ୍ୟକ୍ତିମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେଣୁ ସରକାର ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି, ସରକାରଙ୍କ ପୂର୍ବ ପତ୍ର ପ୍ରକାରେ ସପ୍ତାହକୁ ତିନି ଦିନ ପୂର୍ଣ୍ଣ ମାତ୍ରାରେ ସମସ୍ତ ଆନୁସଙ୍ଗିକ କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟବସ୍ଥା ସହ କାର୍ଯ୍ୟକ୍ଷମ ହେବେ ?

----

## ଜବରଦଖଲ ହଟାଇବାକୁ ପଦକ୍ଷେପ

449 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଆସିକା ସହର ମଧ୍ୟରେ ୱାର୍ଡ଼ ନଂ-13 ର ବିନୋବାବମାର୍ଗ ବା ବିନାୟକ ବଜାର ମଧ୍ୟରେ ଥିବା ଖମାନାଳକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଜବର ଦଖଲକରି ତାହା ଉପରେ ଗୃହ ନିର୍ମାଣ କରିଥିବା ଉକ୍ତ ଜବରଦଖଲ ଦ୍ୱାରା ଆସିକା ସହରରେ କୃତ୍ରିମ ବନ୍ୟା ହେଉଥିବା ଯୋଗୁଁ ଉକ୍ତ ଜବର ଦଖଲକୁ ଉଚ୍ଛେଦ ପାଇଁ ତା ୩୦.୭.୨୦୨୪ ରିଖର ଉତ୍ତରରେ ସେପରି କୌଣସି ଖମାନାଳ ନାହିଁ କି ତାହା ଜବରଦଖଲ ହୋଇଛି କ୍ରମଶଃ ଖମାନାଳ ସମ୍ପର୍କ ସମସ୍ତ ତଥ୍ୟ ସହ ସବରେଜିଷ୍ଟ୍ରି ଆସିକାଙ୍କର ସ୍ୱିକୃତିପ୍ରାପ୍ତ କପି ସଂଲଗ୍ନ କରି ଉକ୍ତପତ୍ର ଉପରେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ସରକାରୀ ଜମି ଜବରଦଖଲ ମୁକ୍ତ

450 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ କରି ଉକ୍ତ ଜମିକୁ ସରକାରୀ ଖାତାକୁ ଆଣିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ କି ତାର ତଥ୍ୟ ପ୍ରଦାନ କରିବେ କି ବର୍ତ୍ତମାନ ସୁଦ୍ଧା କେତେ ଜମି ଜବର ଦଖଲ ହୋଇଛି ଏବଂ ତନ୍ମଧ୍ୟରୁ କେତେ ମୁକ୍ତ କରାଯାଇଛି ?

----

## ପୋଲଭରମ ପ୍ରକଳ୍ପର Design ପରିବର୍ତ୍ତନ

451 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-

ପୋଲଭରମ ପ୍ରକଳ୍ପର Design ରେ ପୁଣି ପରିବର୍ତ୍ତନ କରୁଛନ୍ତି କି ; ଯାହା ଫଳରେ ମାଲକାନଗିରି ଜିଲ୍ଲାରେ ପୂର୍ବାପେକ୍ଷା ଅଧିକ ଅଞ୍ଚଳ ପ୍ରଭାବିତ ହେବାର ଆଶଙ୍କା ପୂର୍ଣ୍ଣମାତ୍ରାରେ ରହିବା ବେଳେ ରାଜ୍ୟ ସରକାର ଏହାର ପ୍ରତିବାଦ କେନ୍ଦ୍ର ଓ ଆନ୍ଧ୍ରସରକାରଙ୍କୁ ଜଣାଇଛନ୍ତି କି ; ରାଜ୍ୟ ସରକାର ନିକଟରେ ସର୍ବୋଚ୍ଚ ନ୍ୟାୟାଳୟରେ ଶୁଣାଣି ସମୟରେ ଅଧିବକ୍ତା ବା ପ୍ରତିନିଧି ଅନୁପସ୍ଥିତ ଥିବାର କାରଣ କଣ ?

----

## ସ୍ୱଳ୍ପ ବୃଷ୍ଟି ଯୋଗୁଁ ମରୁଡ଼ି ଘୋଷଣା

452 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ସମଗ୍ର ପଶ୍ଚିମାଞ୍ଚଳ ତଥା ସୁନ୍ଦରଗଡ଼ ଜିଲ୍ଲାରେ ଚଳିତବର୍ଷ ହୋଇଥିବା ସ୍ୱଳ୍ପ ବୃଷ୍ଟି ସରକାରଙ୍କ ନଜରକୁ ଆସିଛି କି ;ଯଦି 'ହଁ' ତେବେ ଏଥିଯୋଗୁଁ ଚାଷୀ ମାନଙ୍କର ପ୍ରଭୂତ କ୍ଷତିକୁ ଭରଣା କରିବା ପାଇଁ ପର୍ଯ୍ୟାପ୍ତ କ୍ଷତିପୂରଣ ବା ମରୁଡ଼ିଗ୍ରସ୍ତ ଅଞ୍ଚଳଭାବେ ସୁନ୍ଦରଗଡ଼ ଜିଲ୍ଲାକୁ ସରକାର ଘୋଷଣା କରିବେ କି ?

----

## ବକେୟା ଥିବା ରୟାଲିଟି ଆଦାୟ

453 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ତଥା ସୁନ୍ଦରଗଡ ଜିଲ୍ଲାର ଖଣିଜ ପଦାର୍ଥ ରୟାଲିଟି ସମ୍ବନ୍ଧୀୟ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ(ସୁପ୍ରିମ କୋର୍ଟ) ଙ୍କ ନୂତନ Royalty Amendment Act ଅନୁସାରେ କେଉଁ କେଉଁ ସଂସ୍ଥାମାନଙ୍କ ଉପରେ କେତେ କେତେ ପରିମାଣର ରୟାଲିଟି ବକେୟା ରହିଛି ଓ ଏହାର ଆଦାୟ ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ?

----

## ସୀମା ବିବାଦ ମାମଲା ସଂକ୍ରାନ୍ତରେ

454 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆନ୍ଧ୍ରପ୍ରଦେଶ ସହ ଓଡିଶାର ସୀମା ବିବାଦ ଘେନି ସୁପ୍ରିମକୋର୍ଟରେ କେବେ କେତୋଟି ମାମଲା ରୁଜୁ କରାଯାଇଥିଲା, ଏହି ମାମଲାଗୁଡିକ ମଧ୍ୟରୁ କେତୋଟିରେ ଓଡିଶା ସରକାର ଜିଣିଛନ୍ତି ଓ କେତୋଟିରେ ହାରିଛନ୍ତି ଏବଂ ଏବେ ସୀମା ବିବାଦ ସଂକ୍ରାନ୍ତରେ ସୁପ୍ରିମ୍‌କୋର୍ଟରେ କେତୋଟି ମାମଲା ବିଚାର ପ୍ରତୀକ୍ଷାରେ ରହିଛି ଓ ସେଗୁଡିକର ସ୍ଥିତି କ'ଣ ?

----

## ଚାଷ ଜମିକୁ ସବୁଦିନିଆ ଜଳସେଚନ

455 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଓଡିଶାରେ ମୋଟ୍ କେତେ ଜମି ଜଳସେଚିତ ହେଉଛି ; ଏଥିରୁ ଖରିଫ ଋତୁରେ କେତେ ଜମି ଓ ରବି ଋତୁରେ କେତେ ଜମି ପାଇଁ ଜଳସେଚନର ବ୍ୟବସ୍ଥା ରହିଛି ତାହାର ଏକ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ, ମୋଟ୍ ଚାଷ ଜମିର ଅନୁନ୍ୟ ୫୦ ପ୍ରତିଶତକୁ ସବୁଦିନିଆ ଜଳସେଚନ ସୁବିଧା କେବେ ସୁଦ୍ଧା ରାଜ୍ୟ ସରକାର ଯୋଗାଇବେ ; ବୃଷ୍ଟିପାତରେ ଅସାମଞ୍ଜସ୍ୟ ଯୋଗୁଁ କେନାଲ ଯୋଗେ ପାଣି ଯୋଗାଣ ଏବଂ ଭୂତଳ ଜଳସ୍ତର ଖସୁଥିବା ଯୋଗୁଁ ଉଠାଜଳସେଚନ ବ୍ୟବସ୍ଥାରେ ଜଳଯୋଗାଣ ବ୍ୟାହତ ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି ଏବଂ ଏହାର ପ୍ରତିକାର ଲାଗି କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ?

----

## Lease ଜମିକୁ ପଟ୍ଟା ପ୍ରଦାନ

456 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଭୁବନେଶ୍ୱର ତହସିଲ ଓ ଜଟଣୀ ତହସିଲ ଅଂଚଳର ପ୍ରାୟ 47352 ଏକର, ଅଯୋଗ୍ୟ ଜମିକୁ Lease ଦିଆଯାଇଥିଲା ଯାହା ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ରଦ୍ଦ କରାଯାଇଅଛି, ମାତ୍ର ସେ ସମୟରେ ଉକ୍ତ ଜମିକୁ କିଣା ବିକା କରାଯାଇଅଛି ଯାହାକୁ ସଂପୂର୍ଣ୍ଣ ରଦ୍ଦ କରାଯାଇନାହିଁ, ଜମିର ମାଲିକାନା ପଟ୍ଟା ରହିଅଛି ଉକ୍ତ ଜମି ବହୁ ଗରିବ ଲୋକଙ୍କ ଓ ସାଧାରଣ ଜନତା ଗୃହ ନିର୍ମାଣ ଓ ଶିଳ୍ପ କାର୍ଯ୍ୟରେ ନିୟୋଜିତ ଅଛି, ଉକ୍ତ ଜମିର ପଟ୍ଟା ପ୍ରଦାନ ନିମନ୍ତେ ସରକାର ବ୍ୟବସ୍ଥା କରିବେକି, ଏବଂ ଏହା ଉପରେ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇ ଉପଯୁକ୍ତ ବ୍ୟକ୍ତିଙ୍କୁ ପଟ୍ଟା ପ୍ରଦାନର ବ୍ୟବସ୍ଥା କରାଯିବ କି?

----

## ଶିଳ୍ପ କାରଖାନାରୁ ଇସ୍ପାତ ଉତ୍ପାଦନ

457 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ ୫ ବର୍ଷରେ ରାଜ୍ୟର କେଉଁ ଶିଳ୍ପ କାରଖାନା ଗୁଡ଼ିକରୁ କେତେ ପରିମାଣର ଇସ୍ପାତ ଉତ୍ପାଦନ କରାଯାଇ ଅଛି, ତାର ଶିଳ୍ପାନୁଷ୍ଠାନମାନ ଓ ବର୍ଷୱାରୀ ତାଲିକା ପ୍ରଦାନ କରିବା ସହିତ କେତେ ପରିମାଣର ଇସ୍ପାତ ରପ୍ତାନି କରାଯାଇ ଅଛି, ଶିଳ୍ପାନୁଷ୍ଠାନର ନାମ ଓ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ଏବଂ ଉକ୍ତ ରପ୍ତାନୀ ବାବଦରେ ସରକାର କେତେ ଅର୍ଥ ପ୍ରାପ୍ତି କରିଛନ୍ତି ?

----

## ବାତ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତି ପୂରଣ ବ୍ୟବସ୍ଥା

458 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନିକଟ ଅତୀତରେ ସଂଗଠିତ ବାତ୍ୟା 'ଦାନା' ଯୋଗୁଁ କେତୋଟି ଜିଲ୍ଲାର/ ବ୍ଲକ ପଞ୍ଚାୟତର କେତେ ଧନ ଜୀବନ ହାନି ହୋଇଛି; ପ୍ରଭାବିତ ଲୋକଙ୍କ କ୍ଷତି ପୂରଣ ଲାଗି ସରକାର କି ବ୍ୟବସ୍ଥା କରିଛନ୍ତି, ବର୍ତ୍ତମାନ ସୁଦ୍ଧା କେତେ ବନ୍ୟାବିପନ୍ନ ପରିବାର ଉପକୃତ ହେଲେଣି, ସହାୟତାରୁ ବାଦ ପଡ଼ିଥିବା ବିପନ୍ନଙ୍କୁ କେବେସୁଦ୍ଧା ସହୟତା ପ୍ରଦାନ କରିବେ ତାହା ନିର୍ଦ୍ଦିଷ୍ଟ ଜଣାଇବେ କି ?

----

## ଖଣିଜ ସମ୍ପଦ ଲୁଟ

459 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ୨୦୧୪ ମସିହାଠାରୁ ଲୁହାପଥର ମାଙ୍ଗାନିଜ ଆଦି ଖଣିଜ ସମ୍ପଦ ଲୁଟ ହୋଇଥିବା ପ୍ରସଙ୍ଗ ସତ୍ୟ କି, ଉତ୍ତର ଯଦି ହଁ, ହୁଏ ତେବେ ଗତ ୧୦ ବର୍ଷ ମଧ୍ୟରେ କେଉଁ କେଉଁ ଖଣିରୁ କେତେ ପରିମାଣ ଖଣିଜ ସମ୍ପଦ ଲୁଟ କରାଯାଉଅଛି ଏହାର ବସ୍ତୃତ ବିବରଣୀ ପ୍ରଦାନ କରିବେ କି ?

----

## CADA Agency ଦ୍ୱାରା MI Project

460 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- OIIPCRA ଯୋଜନାରେ CADA Agency ମାଧ୍ୟମରେ ସରକାର Keonjhar ଜିଲ୍ଲାରେ କେଉଁ କେଉଁ MI Project ରେ କେତେ ବ୍ୟୟ ବରାଦ କରିଥିଲେ / କରିଛନ୍ତି ଏବଂ ଏ ବାବଦରେ ଏ ଜିଲ୍ଲାରେ ସରକାର ପ୍ରତିଟି MI Project ରେ କେତେ କେତେ ବ୍ୟୟ ବରାଦ କରିଥିଲେ ବା କରିଛନ୍ତି ଏବଂ ପ୍ରତ୍ୟେକ ପ୍ରକଳ୍ପରେ କେତେ କେତେ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇଛି ବା କରାଯିବ ତାହା ଜଣାଇବେ କି ?

----

## DMF ବିନିଯୋଗେର ଅନିୟମିତତା

461 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- Keonjhar ଜିଲ୍ଲାରେ OMBADC ରେ DMF Fund ଅଦ୍ୟାବଧି କେତେ ପରିମାଣ ଅର୍ଥ ସଂଗୃହିତ ହୋଇ କେଉଁ କେଉଁ ବାବଦରେ କେତେ କେତେ ବ୍ୟୟ ମଞ୍ଜୁର ହୋଇଛି; ଏ ଉଭୟ ପାଣ୍ଠିର ବର୍ତ୍ତମାନ ସ୍ଥିତି କଣ ଏବଂ କେତେ କେତେ ଅର୍ଥ ରାଶି ମହଜୁତ ଅଛି ଜଣାଇବେ କି ; DMF Fund ବିନିଯୋଗରେ ବ୍ୟାପକ ଅନିୟମିତତା ଓ ଅର୍ଥ ତୋଷାରପାତ ହୋଇଥିବାର ଅଭିଯୋଗ ସରକାରଙ୍କର ହସ୍ତଗତ ହୋଇଛି କି ; ସରକାର ଏ ବାବଦରେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ଜଣାଇବେ କି ?

----

## ଖଣି ନିଲାମ ଲାଗି ପଦକ୍ଷେପ

462 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଦେଶରେ ଖଣିଜନିଲାମ ବ୍ୟବସ୍ଥା ପ୍ରବର୍ତ୍ତନଠାରୁ ଓଡ଼ିଶାରେ କେଉଁ କେଉଁ ଖଣି ପଦାର୍ଥ କେଉଁ କେଉଁ ଖଣି ଏଯାଏଁ କେଉଁ ସଂସ୍ଥା କେତେ ମୂଲ୍ୟ ନିଲାମରେ ନେଇଛନ୍ତି ଓ ନିକଟ ଭବିଷ୍ୟତରେ ଆଉ କେଉଁ କେଉଁ ଖଣି ସବୁ ନିଲାମ ଲାଗି କି କି ପ୍ରକାର ପଦକ୍ଷେପ ?

----

## ବାତ୍ୟାଦ୍ୱାରା ଗୃହପାଳିତ ପଶୁ ପ୍ରାଣ ହରାଇଛନ୍ତି

463 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନିକଟରେ ହୋଇଥିବା ବାତ୍ୟା "ଦାନା" ରେ କି କି କ୍ଷୟକ୍ଷତି ହୋଇଛି ଓ କେତେ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ କେତେ ଗୃହପାଳିତ ପଶୁ ପ୍ରାଣ ହରାଇଛନ୍ତି ଏଥିପାଇଁ କେନ୍ଦ୍ର ସରକାର କେତେ ଅର୍ଥ ଦେଲେଣି ବା ଦେବାର ପ୍ରସ୍ତାବ ଅଛି ?

----

## କୋଇଲା ଉତ୍ପାଦନକୁ ରାଜସ୍ୱ ଆୟ

464 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସରକାର ଆଗାମୀ ଦିନରେ କେତୋଟି କୋଲ ବ୍ଲକ ନିଲାମ ଡ଼ାକିବାର ଅଛି ଅଧୁନା ଓଡ଼ିଶାରେ କେଉଁ କେଉଁ କୋଇଲା ଖଣିରୁ କୋଇଲା ଶେଷ ହୋଇଛି; କେଉଁ କେଉଁ କୋଇଲା ଖଣିରୁ ଖୁବ ଶୀଘ୍ର କୋଇଲା ଶେଷ ହେବାକୁ ବସିଛି ସରକାର ସେ ଦିଗରେ ବିଚାର କରି ବିହିତ ପଦକ୍ଷେପ ନେବା ସହ ବର୍ତ୍ତମାନ ରାଜ୍ୟରେ ଆଉ କେତୋଟି କୋଇଲା ଖଣି ଚାଲିଛି ଓ ଦୈନିକ କେତେ କୋଇଲା ଉତ୍ତୋଳନ ହେଉଛି ସେଗୁଡ଼ିକ କେଉଁ କେଉଁ ରାଜ୍ୟକୁ କେତେ ପରିମାଣରେ କେଉଁ ଉଦ୍ଦେଶ୍ୟରେ ରପ୍ତାନି ହେଉଛି ଏ ବାବଦକୁ କେତେ ରାଜସ୍ୱ ମିଳୁଛି ଜଣାଇବେ କି ?

----

## ନିର୍ମାଣ ହୋଇଥିବା Check DAm

465 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ବିଗତ ୫ ବର୍ଷ ଭିତରେ କେତୋଟି MIP ନିର୍ମାଣ ହୋଇଛି ଏ ବାବଦକୁ କେତେ ଅର୍ଥ ଖର୍ଚ୍ଚ ହୋଇଛି ; K. Nuagan Block ବିଞ୍ଜାର କୋଟି Binjarkoti MIP ( Daungion ର Reconstruction ନ ହେବାର କାରଣ କଣ; କେବେ ସୁଦ୍ଧା Repairing ହୋଇ କାର୍ଯ୍ୟକ୍ଷମ ହେବ ଉତ୍ତର ଦେବେ କି; ଗତ ୫ ବର୍ଷ ଭିତରେ କେତୋଟି Check Dam କେଉଁ କେଉଁ ସ୍ଥାନରେ ହୋଇଛି GP ୱାରୀ ରିପୋର୍ଟ ଦେବା ସହ କେତୋଟି Dam ମନରେଗା ପଇସାରେ ହୋଇଛି କେତେ Material ଲାଗିଛି କେଉଁ କେଉଁ Vender ଠାରୁ କେଉଁ Material କିଣା ହୋଇଛି ?

----

## Mutation Case ରେ ତୁରନ୍ତ ଫଇସଲା

466 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ଜମି ଜମା ପୁନଃ ବନ୍ଦୋବସ୍ତ କରିବା ସହ କେତେ ଜମି ଜମା କୋର୍ଟ ପଚ୍ଛା ପାଇଁ ବିଭିନ୍ନ ତହସିଲ ଅଫିସ ମାନଙ୍କରେ ପଡ଼ିରହିଛି ଉତ୍ତର ଦେବେ କି; ବର୍ଷ ବର୍ଷ ଧରି ବିଭିନ୍ନ Mutation Case ପଡ଼ିଥିବାରୁ ସେସବୁ ସମାଧାନ ପାଇଁ ବ୍ୟବସ୍ଥା କରିବେ କି ?

----

## ବାତ୍ୟା ଦାନା ଯୋଗୁଁ କ୍ଷୟକ୍ଷତି

467 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଅକ୍ଟୋବର,୨୦୨୪ ହୋଇଥିବା ବାତ୍ୟା "ଦାନା" ଯୋଗୁଁ ରାଜ୍ୟର କେଉଁ କେଉଁ ଜିଲ୍ଲାରୁ କେତେ ଧନ ଜୀବନ ନଷ୍ଟ ହୋଇଛି ଓ କ୍ଷୟ କ୍ଷତିର ପରିମାଣ କେତେ ପ୍ରଭାବିତ କ୍ଷତିଗ୍ରସ୍ତ ଲୋକଙ୍କୁ କେତେ କ୍ଷତିପୂରଣ ସରକାର ଦେଇଛନ୍ତି ଓ ବାତ୍ୟା ମୁକାବିଲା ପାଇଁ ସରକାର କେଉଁ ବାବଦକୁ କେତେ ଟଙ୍କା ଖର୍ଚ୍ଚ କରିଥିଲେ ତାର ସବିଶେଷ ତଥ୍ୟ ଦେବେ କି; କେନ୍ଦ୍ର ସରକାରଙ୍କ ତରଫରୁ "ଦାନା" କ୍ଷୟକ୍ଷତି ଲୋକଙ୍କ ଥଇଥାନ ବାବଦକୁ କେତେ ଟଙ୍କାର ଅନୁଦାନ ପାଣ୍ଠି ମିଳିଛି;(ଖ) ପୁରୀ ଜିଲ୍ଲା ଓ କାକଟପୁର, ନିର୍ବାଚନମଣ୍ଡଳୀ ଅଞ୍ଚଳ ବାତ୍ୟା "ଦାନା" ଯୋଗୁଁ କେତେ କ୍ଷୟକ୍ଷତି ହୋଇଛି ?

----

## କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ଯୋଜନା

468 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରେ ରାଜ୍ୟ ଯୋଜନା, କେନ୍ଦ୍ର ଯୋଜନା, ରାଜ୍ୟ-କେନ୍ଦ୍ର ଯୋଜନା କେତେ ପ୍ରତିଶତ ଅନୁଦାନରେ କେତେ ଯୋଜନା କାର୍ଯ୍ୟକାରୀ ହେଉଥିଲା, ତାର ବିଭାଗୱାରୀ ତଥ୍ୟ ପ୍ରଦାନ କରିବେ କି; ଏବେ ରାଜ୍ୟରେ କେଉଁ କେଉଁ ପୁରୁଣା ଯୋଜନା ବନ୍ଦ ରହିଛି, କେତେ ନୂଆ ଯୋଜନା କାର୍ଯ୍ୟକାରୀ ହେଉଛି, କେଉଁ ଯୋଜନା ଗୁଡ଼ିକର ପୁନଃ ନାମକରଣ ହୋଇଛି ?

----

## ବାତ୍ୟା ଦ୍ୱାରା ଫସଲ ନଷ୍ଟ

469 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ବର୍ଷ ମଧ୍ୟରେ "ଦାନା" ସମେତ କେତୋଟି ବାତ୍ୟା ପ୍ରଭାବରେ ଓଡ଼ିଶାର କେତେ ଫସଲ ନଷ୍ଟ ହୋଇଛି; ଧାନ ଏବଂ ଅଣଧାନ ଅନ୍ୟାନ୍ୟ ଫସଲ କେତେ ଏକରର ଓ କେତେ ଟଙ୍କାର ନଷ୍ଟ ହୋଇଛି, ସେହି ଫସଲ କ୍ଷୟକ୍ଷତିର ରିପୋର୍ଟ ଧାନ ଓ ଅଣଧାନ ୱାରୀ, ଜିଲ୍ଲାୱାରୀ ଏବଂ ବାତ୍ୟାୱାରୀ ପ୍ରଦାନ କରିବେ କି ?

----

## କୋଣାର୍କ ଝୋଟ କଳର ପୁନଃରୁଦ୍ଧାର

470 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ତାରକା ପ୍ରଶ୍ନ ୨୭୩ର ୨୨.୦୮.୨୦୨୪ରେ ପ୍ରଦତ୍ତ ଉତ୍ତର ଆଧାରରେ, ୦୨.୦୮.୨୦୨୧ରେ କୋଣାର୍କ ଝୋଟକଳକୁ କିଣିଛନ୍ତି, M/s Bhatia OSL Washeries & Minerals Ltd. ୨୧.୦୭.୨୦୨୩ରେ ରାଜସ୍ୱ ବିଭାଗର ପତ୍ର ସଂଖ୍ୟା-୨୬୪୩୦ରେ କୋଣାର୍କ ଝୋଟକଳର ପୁନଃରଦ୍ଧାର ପାଇଁ କମ୍ପାନୀର ଜମିକୁ ବନ୍ଧକ ରଖିବାକୁ ଅନୁମତି ଦିଆଯାଇଥିଲା, ରାଜସ୍ୱ ବିଭାଗର ଅନୁମତି ପତ୍ର ଆଧାରରେ କୋଣାର୍କ ଝୋଟକଳର ଜମିକୁ ବନ୍ଧକ ରଖିଛି କି; (ଖ) ଯଦି ହଁ, ତେବେ କେଉଁ ବ୍ୟାଙ୍କରୁ କେତେ ଲୋନ୍ ଅଣାଯାଇଛି ଓ ସେହି ଅର୍ଥ କୋଣାର୍କ ଝୋଟକଳର ପୁନଃରଦ୍ଧାର ପାଇଁ ବିନିଯୋଗ ହୋଇଛି କି; ବ୍ୟାଙ୍କ ଲୋନ ଏବଂ ସେହି ଲୋନର ବିନିଯୋଗ ପ୍ରମାଣପତ୍ର, କମ୍ପାନୀ ପକ୍ଷରୁ ପ୍ରତି ୬ ମାସରେ ଯାଜପୁର ଜିଲ୍ଲାପାଳଙ୍କୁ ପ୍ରଦାନ ହେଉଛି କି ?

----

## ଚୋରା ମୋରମ ମାଫିଆଙ୍କୁ ବିରୋଦ୍ଧରେ କାର୍ଯ୍ୟାନୁଷ୍ଠାନ

471 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଆନନ୍ଦପୁର ଉପଖଣ୍ଡରେ ଦୈନନ୍ଦିନ ହଜାର ହଜାର ଟ୍ରିପ ମୋରମ ଚୋରା ଚାଲାଣ ହେଉଛି ଏ ନେଇ ସରକାର ଅବଗତ ଅଛନ୍ତି କି ? ଯଦି ଅଛନ୍ତି ଚୋରା ମୋରମ ମାଫିଆଙ୍କ ବିରୋଧରେ ସରକାର କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେଉଛନ୍ତି ଜଣାଇବେ କି ? ମୋରମ ଚୋରା ଚାଲାଣ ହେତୁ ସରକାରଙ୍କର ହଜାର ହଜାର କୋଟି ଟଙ୍କା ରାଜସ୍ୱ ହାନି ହେବା ସହିତ ଗ୍ରାମାଞ୍ଚଳରେ ବିରାଟକାୟ ଗର୍ଭ ସୃଷ୍ଟି ହେଉଛି, ଏହା କାରଣରୁ ଛୋଟ ଛୋଟ ଶିଶୁ ଏବଂ ଗାଇ ଗୋରୁ ଗର୍ଭରେ ପଡି ମୃତ୍ୟୁ ବରଣ କରୁଛନ୍ତି, ନିକଟରେ ଗଣମାଧ୍ୟମ ରୁ ଖବର ପ୍ରକାଶ ହାଟଡିହି ବ୍ଲକ ଅନ୍ତର୍ଗତ ପଢିଆରିପଲି ପଞ୍ଚାୟତର ଆଡୁରିକଣା ଗ୍ରାମର ୩ ଟି ନିଷ୍ପାପ ଶିଶୁ ମୋରମ ଗର୍ଭରେ ପଡି ମୃତ୍ୟୁ ବରଣ କରିଗଲେ । ଏ ନେଇ ସରକାର ଚୋରା ମୋରମ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାରି ସ୍ତରରେ ନିଲାମ ପ୍ରକ୍ରିୟା ପାଇଁ ପଦେକ୍ଷପ ନେବେ କି ?

----

## Minor Irrigation Projectର Renovation କାର୍ଯ୍ୟ

472 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

ଆନନ୍ଦପୁର ଉପଖଣ୍ଡରେ ୧୯୭୬ ମସିହାରେ ନିର୍ମିତ ହୋଇଥିବା ତରଡ଼ିହା Minor Irrigation Projectର Renovation ସରକାର କରିବେକି ? ଏହା ଫଳରେ ତିନୋଟି ବ୍ଲକ ଯଥା ଘସିପୁରା,ଆନନ୍ଦପୁର ଓ କରଞ୍ଜିଆ ଅଞ୍ଚଳର ଦଶ ହଜାରରୁ ଉର୍ଷ ହେକ୍ଟର ଚାଷ ଜମି ଉପକୃତ ହୋଇପାରିବ ? ତେଣୁ ସରକାର ଏ ଦିଗ ପ୍ରତି ପଦକ୍ଷେପ ଗ୍ରହଣ କରିବେକି ?

----

## ନୂତନ Major & Medium Irrigation Project

473 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

(କ) ଓଡ଼ିଶାରେ ବର୍ତ୍ତମାନ କେଉଁ MAJOR IRRIGATION PROJECT କେଉଁ ଜିଲ୍ଲାରେ କେଉଁ ନଦୀ ଉପରେ କାର୍ଯ୍ୟ ଚାଲୁ ରହିଛି ; ଏହି PROJECT କେବେ ଆରମ୍ଭ ହୋଇଥିଲା ଓ ଏହି PROJECT ଶେଷ ହେବାର ଧାର୍ଯ୍ୟ ସମୟ ସୀମା କଣ ଥିଲା ; ଏହା ଦ୍ୱାରା କେତେ ଚାଷ ଜମି ଜଳସେଚିତ ହୋଇପାରିବ ଏବଂ ଏହା ଦ୍ୱାରା କେତେ ଲୋକ ବିସ୍ଥାପିତ ହୋଇଛନ୍ତି ତାହାର ସବିଶେଷ ତଥ୍ୟ ଦେବେ କି ; ଖ) ପୁରୀ ଜିଲ୍ଲାରେ ଆସନ୍ତା ୫ ବର୍ଷରେ କିଛି MAJOR & MEDIUM IRRIGATION PROJECT ହେବାର ଯୋଜନା ଅଛି କି ?

----

## ନୂତନ RI Circle ସୃଷ୍ଟି କରିବା ପାଇଁ ପଦକ୍ଷେପ

474 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶାରେ କେତୋଟି ଅଫିସ ଅଛି ଓ ଏହି RI circle ଗୁଡିକ ଶେଷଥର ପାଇଁ କେବେ ପୁନର୍ଗଠନ ହୋଇଥିଲା ; ସମସ୍ତ RI circleର ପରିସୀମା ସମାନ ନଥିବା ହେତୁ ସେଗୁଡିକୁ ପୁନର୍ଗଠନ କରି ନୂତନ RI circle ସୃଷ୍ଟି କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ସମୁଦ୍ରତଟରେ ପଥର ପ୍ୟାକିଂ

475 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଭୋଗରାଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉଦୟପୁରରୁ ତାଳସାରି ଏବଂ ତାଳସାରିରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ସମୁଦ୍ର ତଟରେ ପଥର ପ୍ୟାଚିଂ ଓ ତଟସୁରକ୍ଷା ବନ୍ଧ ନିର୍ମାଣ ପାଇଁ ବିଭାଗ ପକ୍ଷରୁ କେତେ ଟଙ୍କା ମଞ୍ଜୁର ହୋଇଛି; ସେଥିରୁ କେତେ କାର୍ଯ୍ୟ ଆଗେଇଛି ଏବଂ କେତେ ଅର୍ଥ ଖର୍ଚ୍ଚ ହୋଇଛି; କେଉଁ କାରଣରୁ ପ୍ରକଳ୍ପ ଗୁଡ଼ିକର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ ?

----

## ବନ୍ୟା ଦ୍ୱାରା ଚାଷ ଜମି କ୍ଷତିଗ୍ରସ୍ତ

476 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗତ ସେପ୍ଟେମ୍ବରରେ ସୁବର୍ଣ୍ଣରେଖାରେ ଆସିଥିବା ବନ୍ୟାରେ ଭୋଗରାଇ ନିର୍ବାଚନ ମଣ୍ଡଳୀର କେତେ ଚାଷ ଜମି ସମ୍ପୂର୍ଣ୍ଣ ଓ ଆଂଶିକ କ୍ଷତିଗ୍ରସ୍ତ ହୋଇଛି ଏବଂ କେତେ ଲୋକଙ୍କ ଘର ସମ୍ପୂର୍ଣ୍ଣ ଓ ଆଂଶିକ କ୍ଷତିଗ୍ରସ୍ତ ହୋଇଛି, ତାହାର ପଞ୍ଚାୟତୱାରୀ ବିବରଣୀ ଦେବେ କି, ଘର ଭାଙ୍ଗିଥିବା କେତେ ପରିବାରକୁ କେତେ ଆର୍ଥିକ ସହାୟତା ଓ ପଲିଥିନ ପ୍ରଦାନ କରାଯାଇଛି ?

----

## ବାତ୍ୟା କ୍ଷତି ଗ୍ରସ୍ତଙ୍କୁ ସହାୟତା ପ୍ରଦାନ

477 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଗତ ଦାନା ବାତ୍ୟା ପ୍ରଭାବରେ ରାଜ୍ୟର କେଉଁ କେଉଁ ଜିଲ୍ଲାର କେଉଁ କେଉଁ ବ୍ଲକ ମ୍ୟୁନସିପାଲିଟି କ୍ଷତିଗ୍ରସ୍ତ ହୋଇଛନ୍ତି ଓ ସମସ୍ତ କ୍ଷୟକ୍ଷତିର ଆକଳନ ପୂର୍ବକ ରିପୋର୍ଟ ପ୍ରସ୍ତୁତ କରାଯାଇଛି କି, (ଖ) କ୍ଷତିଗ୍ରସ୍ତମାନଙ୍କୁ କେତେ କେତେ ପରିମାଣର ଆର୍ଥିକ ସହାୟତା ପ୍ରଦାନ ନିମିତ୍ତ ବର୍ତ୍ତମାନସୁଦ୍ଧା ମଞ୍ଜୁର କରାଯାଇଛି ଜଣାଇବେ କି ?

----

## Assesment of Anganwadi

478 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- Pursuant to Hon'ble Supreme Court judgement to raise taxes on Mineral Housing Land by States, whether the State Govt. has made any assessment regarding arrear dues, if yes, the detail thereof ?

----

## ମହାନଦୀ ଜଳ ବିବାଦ ସମସ୍ୟାର ସମାଧାନ

479 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) ମହାନଦୀ ଜଳ ବିବାଦ ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ କି କି ପଦକ୍ଷେପ ଗ୍ରହଣ କରାଯାଇଅଛି, (ଖ) ଏହି ବିବାଦର ସମାଧାନ ନିମନ୍ତେ କେନ୍ଦ୍ର ସରକାରଙ୍କ ସହାୟତା ଲୋଡା ଯାଇଛି କି, ଯଦି ହଁ, କେନ୍ଦ୍ର ସରକାର ସହାୟତା କ୍ଷେତ୍ରରେ କି କି ପଦକ୍ଷେପ ନେଇଛନ୍ତି ?

----

## Reported the illegal Mining Cases

480 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

a) The number of illegal mining cases reported in the last three years and the actions taken against offenders, the specific steps taken by the Government of Odisha to prevent and control illegal mining activities across the state & the resources allocated for monitoring and enforcement to curb illegal mining, including details on personnel, technology, and surveillance measures implemented ?

----

**Construction of New Barrage**

481 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)**:

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-

(a) Has the department initiated any steps toward the proposal to construct a new barrage on the Kathjodi River to benefit agriculture, retain water for city beautification, and help reduce temperatures in the area, (b) If so, what progress has been made in terms of feasibility studies or preliminary assessments, and when can we expect further developments on this proposal?

----

**Developing a Water front Projects**

482 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)**:

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-

(a) Has the government considered a proposal for developing a waterfront project along the Kathjodi River, similar to the Sabarmati Riverfront project, aimed at enhancing the scenic beauty, recreational spaces, and urban cooling effects for Cuttack; (b) If such a project is under consideration, what is the status of the planning and approval process ?

----

**ନିର୍ମାଣଧିନ ବସ ଟର୍ମିନାଲ ପାଇଁ ଅର୍ଥ ମଞ୍ଜୁର**

483 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି)**:

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପରିବହନ ବିଭାଗ ଦ୍ୱାରା କଣ୍ଟାବାଞ୍ଜି ସହରଠାରେ ନିର୍ମାଣଧିନ ବସ ଟର୍ମିନାଲ (ଷ୍ଟାଣ୍ଡ) ପାଇଁ କେତେ ଅର୍ଥ ମଞ୍ଜୁର ହୋଇଅଛି ଓ ଉକ୍ତ କାର୍ଯ୍ୟ କେଉଁ ସଂସ୍ଥା ଦ୍ୱାରା ସଂପାଦନ କରାଯାଇଛି ? ବର୍ତ୍ତମାନ ସୁଦ୍ଧା କେତେ ଅର୍ଥ ଖର୍ଚ୍ଚ କରାଯାଇଛି, ଏହାର ସବିଶେଷ ବିବରଣୀ ଉପସ୍ଥାପନ କରିବେ କି, ଏହି ପ୍ରକଳ୍ପରେ କଣ ସବୁ ନିର୍ମାଣ କରାଯିବାର ପ୍ରାବଧାନ ଅଛି ଓ କେଉଁ ସମୟ ସୀମା ମଧ୍ୟରେ କାର୍ଯ୍ୟ ସଂପୂର୍ଣ୍ଣ ହେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ଏବଂ କଣ୍ଟାବାଞ୍ଜି ବସ ଷ୍ଟାଣ୍ଡ ସମ୍ମୁଖରେ କେତେ ଗୋଟି ଦୋକାନ ଗୃହ (Stall) ନିର୍ମାଣ କରାଯାଇଛି ଏବଂ ସେଗୁଡିକୁ କେଉଁ ପ୍ରକ୍ରିୟାରେ ବଣ୍ଟନ କରାଯିବ ?

----

## ବିସ୍ଥାପିତଙ୍କୁ ଥଇଥାନ

484 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

(କ) ନୂଆଁପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ Lower Indra Irrigation Project (Tikhali Dam) ନିର୍ମାଣ ଦିନ ଠାରୁ ଆଜି ପର୍ଯ୍ୟନ୍ତ ମୋଟ କେତେ ଜଣ ବିସ୍ଥାପିତ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇ ଅନ୍ୟ କେଉଁ ସ୍ଥାନ ମାନଙ୍କରେ ପୂର୍ବବାସ କରାଯାଇଛି ଏବଂ ବିସ୍ଥାପିତଙ୍କ ଥଇଥାନ ସକାଶେ କେତେ ପରିମାଣ ଅର୍ଥ ପ୍ରଦାନ କରାଯାଇ ଅଛି ? (ଖ) Tikhali Dam ଅଂଚଳରୁ ବିସ୍ଥାପିତ ହୋଇ କେତେ ଗୋଟି ପରିବାର କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଂଚଳରେ ପୁର୍ନବାସ କରୁଛନ୍ତି, ସେମାନଙ୍କୁ ଜମି ଅଧିଗ୍ରହଣ ବଦଳରେ ମୋଟ କେତେ ଅର୍ଥ କ୍ଷତି ପୂରଣ ଭାବେ ପ୍ରଦାନ କରାଯାଇଛି ?

----

## ଲଘୁ ଖଣିଜ ପଦାର୍ଥରୁ ରାଜସ୍ୱ

485 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୁରଭଞ୍ଜ ଜିଲ୍ଲା ରୁ ପ୍ରତିବର୍ଷ କେତେ ବାଲି କେତୋଟି ବାଲିଘାଟ ନିଲାମରୁ ଚାଲାଣ ହେଉଛି ଓ ସେ ବାବଦକୁ ବାର୍ଷିକ ହାରାହାରି କେତେ ରାଜସ୍ୱ ଆସୁଛି ଉତ୍ତର ଦେବା ସଙ୍ଗେ ସଙ୍ଗେ 2023 ଜାନୁଆରୀ 1 ତାରିଖରୁ ଆଜି ପର୍ଯ୍ୟନ୍ତ କେତେ କେତେ ଲଘୁ ଖଣିଜ ପଦାର୍ଥ କେଉଁ କେଉଁ ଲଘୁ ଖଣିଜ ପଦାର୍ଥ କେତେ ପରିମାଣରେ ବିକ୍ରି ହୋଇଛି, କେତେ ରାଜସ୍ୱ ଆସିଛି ?

----

## ଆଡିବନ୍ଧ ମାଧ୍ୟମରେ ଜଳସେଚନ

486 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

(କ) ମୟୁରଭଞ୍ଜ ଜିଲ୍ଲାର କେତେଗୋଟି ଆଡିବନ୍ଧ କେଉଁ ଠାରେ ନିର୍ମିତ ହୋଇଛି, ନିର୍ମିତ ଆଡିବନ୍ଧ ମାଧ୍ୟମରେ କେତେ ପରିମିତ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇଛି, ସମ୍ପୃକ୍ତ ଆଡିବନ୍ଧର ରକ୍ଷଣାବେକ୍ଷଣ ନିମନ୍ତେ 2019-20 ରୁ 2023-24 ବର୍ଷ ମଧ୍ୟରେ କେଉଁ ବର୍ଷ କେତେ ଅର୍ଥ ମଞ୍ଜୁର ହୋଇଛି ତାର ପ୍ରକଳ୍ପ ୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ଆଡିବନ୍ଧ ରକ୍ଷଣାବେକ୍ଷଣ ନିମନ୍ତେ କେଉଁ ହାରରେ ଅନୁଦାନ ମଞ୍ଜୁର କରାଯାଇଥାଏ ତାର ଭିତ୍ତି ଓ ପଦ୍ଧତି ତଥା ମାପଦଣ୍ଡ କଣ ନିର୍ଦ୍ଧାରଣ କରାଯାଇଛି, ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବରୁ ଏବଂ ଅନ୍ୟାନ୍ୟ କେଉଁ କାରଣରୁ କେଉଁ ଠାରେ କେତେଗୋଟି ଆଡିବନ୍ଧ ଅଚଳ ରହିଛି/କାର୍ଯ୍ୟକ୍ଷମ ନାହିଁ, ନିର୍ଦ୍ଧାରିତ ଧାର୍ଯ୍ୟ ଲକ୍ଷ୍ୟଠାରୁ କେତେ ପରିମିତ ଜମିରେ ଜଳସେଚନ ବାଧାପ୍ରାପ୍ତ ହୋଇଛି ?

----

## ବାଲିଘାଟ ନିଲାମ

487 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) କଟକ ଜିଲ୍ଲାର କେଉଁ ତହସିଲ ଅଧିନରେ କେତୋଟି ବାଲିଘାଟ ନିଲାମ ସୂତ୍ରରେ କେଉଁମାନେ କେତେ ବର୍ଷ ପାଇଁ ପାଇଛନ୍ତି ସେମାନଙ୍କର ନାମ ଓ ସମ୍ପୂର୍ଣ୍ଣ ଠିକଣା ଦେବା ସହ ଏଥିପାଇଁ ସେମାନେ କେତେ ଅର୍ଥ ସରକାରୀ ଭାବେ ପୈଠ କରିଛନ୍ତି, ତାହାର ତହସିଲୱାରୀ ସମସ୍ତ ବିବରଣୀ ପ୍ରଦାନ କରିବେ କି; (ଖ) କଟକ ଜିଲ୍ଲାର ରେ କେତୋଟି ବାଲି ଘାଟ DSR ଅନ୍ତର୍ଭୁକ୍ତ ନ ହୋଇ ମଧ୍ୟ Tender ହୋଇଅଛି, ସେମାନଙ୍କର ନାମ ଓ ସମ୍ପୂର୍ଣ୍ଣ ଠିକଣା ଦେବା ସହ DSR ଅନ୍ତର୍ଭୁକ୍ତ ଟେଣ୍ଡର ହୋଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ପରିବେଶ ମଞ୍ଜୁରୀ ମିଳିପାରୁ ନାହିଁ କାହିଁକି? ଏବଂ ଏହି ପରିବେଶ ମଞ୍ଜୁରୀ ନ ମିଳିବା ପଛରେ କ'ଣ କ'ଣ କାରଣ ଥାଇପାରେ ତାହା ସରକାର ସ୍ପଷ୍ଟ କରିବେ କି, ପରିବେଶ ମଞ୍ଜୁରୀ ନ ମିଳିବା ବା ସରକାରୀ ଉତ୍ସ ନଚାଲିବା ଦ୍ୱାରା କେତେ ଟଙ୍କା ର ରାଜସ୍ୱ କ୍ଷତି ହୋଇଛି ?

----

## ଅନ୍ତଃନଦୀ ଜଳାଶୟ କାର୍ଯ୍ୟ ଆରମ୍ଭ

488 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲା ମହାନଦୀ ଉପରେ ବୈଦେଶ୍ୱର-ଗୋପିନାଥପୁର ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ (Instream storage structure ଓ Barrage ) ନିର୍ମାଣର କାର୍ଯ୍ୟ କେବେଠାରୁ ଆରମ୍ଭ ହେବ ଓ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ଏହି ନିର୍ମାଣ ଫଳରେ ଜଳସେଚନ, ପାନୀୟଜଳ, storage ଓ ବନ୍ୟା ନିୟନ୍ତ୍ରଣର ଉନ୍ନତି କିପରି ହୋଇ ପାରିବ ?

----

## ନୂତନ ବାତ୍ୟାଆଶ୍ରୟ ସ୍ଥଳୀ ନିର୍ମାଣ

489 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର କେଉଁ ଜିଲ୍ଲାରେ କେଉଁ ବ୍ଲକ ଏବଂ କେଉଁ ପଞ୍ଚାୟତରେ ଓ ପୌର ସଂସ୍ଥାରେ କେତୋଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି, ନିର୍ମାଣାଧିନ ଓ ପ୍ରସ୍ତାବାଧିନ ଅଛି, ପ୍ରକାଶ କରି ଜିଲ୍ଲାରେ ଅଧିକ ସଂଖ୍ୟକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ପଞ୍ଚାୟତରେ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ

490 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାତ୍ୟା ଓ ବନ୍ୟା ପ୍ରବଣ ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ଓ ବସ୍ତା ବ୍ଲକର କେତୋଟି ପଞ୍ଚାୟତରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଅଛି ଏବଂ କେତୋଟି ପଞ୍ଚାୟତରେ ନାହିଁ ତାହାର ଏକ ବିବରଣୀ ପ୍ରଦାନ କରିବେ କି? ଏଥି ସହିତ ବାତ୍ୟା ଆଶ୍ରୟସ୍ଥଳୀ ନଥିବା ପଞ୍ଚାୟତ ଗୁଡ଼ିକର ଜନସାଧାରଣ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେଣୁ ସରକାର ସେହି ପଞ୍ଚାୟତ ଗୁଡିକରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବାର କିଛି ପ୍ରସ୍ତାବ ଅଛି କି ?

----

## ଜଳ ନିଷ୍କାସନର ସ୍ଥାୟୀ ପ୍ରତିକାର

491 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଚଳିତ ବର୍ଷର ବନ୍ୟା ଓ ବାତ୍ୟା ' ଦାନା ' ର ପ୍ରଭାବରେ ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ବ୍ଲକର ବଣିଆଡିହା, କୁଣ୍ଡୁଳୀ, ବୋଳଙ୍ଗ ଓ ସାଉଡି ଗ୍ରାମ ପଞ୍ଚାୟତର ହଜାର ହଜାର ଏକର ଚାଷଜମି ଜଳପ୍ଲାବିତ ହୋଇ ଚାଷ ନଷ୍ଟ ହୋଇଯାଇଛି ପ୍ରତି ବର୍ଷ ବର୍ଷା ଋତୁରେ ସେହି ଜମି ଗୁଡିକରୁ ଜଳନିଷ୍କାସନ ନହୋଇପରିବା ଫଳରେ ଚାଷୀ ମାନେ ବ୍ୟାପକ କ୍ଷତି ସହୁଛନ୍ତି ତେଣୁ ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ଏଠାରୁ ଜଳ ନିଷ୍କାସନ କରାଯିବାକୁ ସରକାର କୌଣସି ପ୍ରତିକାର ମୂଳକ ବ୍ୟବସ୍ଥା ଗ୍ରହଣ କରିବାର ଯୋଜନା ଅଛି କି ?

----

## ମହାନଦୀର ସୁରକ୍ଷା

492 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଓଡିଶାର ଜୀବନରେଖା କହିଲେ ମହାନଦୀକୁ ହିଁ ବୁଝାଇଥାଏ, ଏହାର ସୁରକ୍ଷା ଓ ଏହାର ଜଳ ସର୍ବଦା ଭରପୁର ହୋଇ ରହିବା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ ରାଜ୍ୟରେ କେତୋଟି ନଦୀ ଶୁଷ୍କ ହୋଇ ରହୁଛି ଓ ପ୍ରବାହିତ ହୋଇଥିବା ନଦୀ ଗୁଡିକ ଜଳକୁ ସମୁଦ୍ରକୁ ନ ଛାଡିବା ପାଇଁ ବ୍ୟବସ୍ଥା କରୁଛନ୍ତି କି, ଏହାର ଏକ ସବିଶେଷ ବିବରଣୀ ଦେବେ କି, ନଦୀର ପୁନଃଉଦ୍ଧାର କରିବେ କି ?

----

## ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା

493 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ଗାଁ କୁ କେତେ । ତାରିଖ ସୁଦ୍ଧା ରାଜସ୍ୱ ଗାଁ ଘୋଷଣା କରିବା ପାଇଁ ସରକାର ନିଷ୍ପରି ନେଇଛନ୍ତି ଏବଂ ଉକ୍ତ ପ୍ରସ୍ତାବ ଗୁଡିକର ବର୍ତ୍ତମାନର ସ୍ଥିତାବସ୍ଥା କଣ ତଥା ଗାଁ ର ନାମ ଏହା କେଉଁ ପଂଚାୟତର ସମ୍ପୂର୍ଣ ବିବରଣୀ ସହ ତଥ୍ୟ ପ୍ରଦାନ କରିବେ କି, (ଖ) ବାଲେଶ୍ୱର ସଦର ବ୍ଲକର କୁରାଢ଼ିଆ ପଂଚାୟତର ପୋଖରୀସାହି ( ଭାଇସୁଆଁ ପଂଚାୟତର ପାଳସିଆ ଗାଁ କୁ Revenue village କରିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିବେ କି, ଉକ୍ତ ଗ୍ରାମ ପାଇଁ ଯଦି ପ୍ରସ୍ତାବ ଆସି ନାହିଁ ତେବେ ବିଭାଗ ଉକ୍ତ ପ୍ରଶ୍ନ ଅନୁଯାଇ ନିଜଆଡୁ ପ୍ରସ୍ତାବ ଦେଇ ଉପରୋକ୍ତ ଗ୍ରାମକୁ ରାଜସ୍ୱ ଗାଁ ର ମାନ୍ୟତା ପ୍ରଦାନ କରିବା ପାଇଁ ପଦକ୍ଷେପମାନ ଗ୍ରହଣ କରିବେ କି ?

----

## ବିଭିନ୍ନ କାର୍ଯ୍ୟ ପାଇଁ ଅନୁମୋଦିତ

494 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

(କ)ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜଳସମ୍ପଦ ବିଭାଗ ଅନ୍ତର୍ଗତ ଆର୍ଥିକ ବର୍ଷ ୨୪ ୨୫ ପାଇଁ କେତେ ଅର୍ଥ ବ୍ୟୟରେ କେଉଁ କେଉଁ ପ୍ରକଳ୍ପ ଗୁଡିକର କାର୍ଯ୍ୟ ହାତକୁ ନିଆଯିବ ତାହାର ବିଭାଗ ଅନୁଯାୟୀ ପଂଚାୟତ ୱାରି ଅର୍ଥ ସହ ଏକ ସବିଶେଷ ତାଲିକା ପ୍ରଦାନ କରିବେ ଏବଂ ଅଦ୍ୟାବଧି ଚାଲୁଥି୍ବା ଏବଂ ପୂର୍ବ ଆର୍ଥିକ ବର୍ଷର କାର୍ଯ୍ୟାରମ୍ଭ ହୋଇଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟକାରୀ ସଂସ୍ଥା, Expenditure incure in working project ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି, (ଖ) ଚଳିତ ଆର୍ଥିକ ବର୍ଷରେ Irrigation ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୁଲାଇ ମାସ ଠାରୁ ଅଦ୍ୟାବଧି କେତେ ବିଲ କେଉଁ କାର୍ଯ୍ୟ ପାଇଁ ଅନୁମୋଦିତ ହୋଇଛି, ତାରିଖ ଅର୍ଥ ଏବଂ agency details ସହ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ପଡା ଗ୍ରାମକୁ Revenue Village ମାନ୍ୟତା

495 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୋନପୁର ଜିଲ୍ଲାର ଡୁଙ୍ଗୁଲପାଲି ବ୍ଲକ ଅନ୍ତର୍ଗତ ସୁନାପାଲି ପଞ୍ଚାୟତର ହରିହରନଗର ଏକ ବହୁତ ବଡ ପଡାଗ୍ରାମ ଅଟେ, ଉକ୍ତ ଗ୍ରାମକୁ ସରକାର Revenue Village ମାନ୍ୟତା ଦେବାର ପ୍ରସ୍ଥାବ ଅଛି କି

----

## Interream Storage ପାଇଁ ପୁନଃ Tender

496 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବୌଦ୍ଧ ଜିଲ୍ଲାର ଠାଇରମାଲ ଠାରେ ମହାନଦୀରେ ଏକ Instream Storage ପ୍ରକଳ୍ପର tender ଆହ୍ୱାନ ହୋଇ ପୁଣି Cancel ହୋଇଥିବା ଖବର ସତ୍ୟ କି, ଯଦି ଉତ୍ତର ହଁ ହୋଇଥାଏ ତେବେ ଉକ୍ତ ପ୍ରକଳ୍ପ ପାଇଁ ପୁନଃ Tender କେବେ ଡକାଯିବ ?

----

## ରିଲିଫ କୋଡରେ ପରିବର୍ତ୍ତନ

497 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ସ୍ୱତନ୍ତ୍ର ରିଲିଫ କମିଶନ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟ ସମୟରେ କ୍ଷୟକ୍ଷତିର ଆକଳନ କରିଥାନ୍ତି ତାହା ପୂର୍ବ ରିଲିଫ କୋ଼ଡ ଅନୁଯାୟୀ ହେଉଥିବାରୁ ଏବଂ ତଦ୍ୱାରା କ୍ଷତିଗ୍ରସ୍ତ ଲୋକମାନେ ବିଶେଷ ଉପକୃତ ହେଇନଥିବାରୁ ରିଲିଫ କୋଡରେ ପରିବର୍ତ୍ତନ କରିବା ପାଇଁ ସରକାର ପଦକ୍ଷେପ ନେବେ କି, ସେହିଭଳି ରାଜ୍ୟରେ ଥିବା ସମସ୍ତ ଖାଲିଥିବା R.I. , ଅମିନ, ତହସିଲଦାର, ଅତିରିକ୍ତ ତହସିଲଦାର, ସବକଲେକଟର ପଦବୀ ପୂରଣ ପାଇଁ ପଦକ୍ଷେପ ନେବେ କି ?

----

## MI Project ଗୁଡିକର ରକ୍ଷଣା ବେକ୍ଷଣା

498 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଅଧିନ କେତେ ହେକ୍ଟର ଚାଷ ଜମିକୁ ଜଳସେଚନର ବ୍ୟବସ୍ଥା ହୋଇଛି ଗତ 2020 ରୁ 2023 ଶେଷ ପର୍ଯ୍ୟନ୍ତ କେତେ କେତେ ହେକ୍ଟର ଜମିକୁ ଜଳ ସେଚନର ବ୍ୟବସ୍ଥା କେତେ ପ୍ରତିଶତ ଲେଖାଏଁ ବଢିଛି ବର୍ଷୱାରି ରିପୋର୍ଟ ଦେବା ସହ ନୂତନ କେତୋଟି MIP ଦେବା ପାଇଁ କେଉଁ କେଉଁ ସ୍ଥାନରେ ହେବା ପାଇଁ ସରକାରଙ୍କର ପ୍ରସ୍ତାବ ଅଛି ଓ ପୁରୁଣା MIP ଗୁଡିକର ରକ୍ଷଣାବେକ୍ଷଣ କରିବା ପାଇଁ ପଦକ୍ଷେପ ନେବେ କି ?

----

## କେନାଲ ଗୁଡିକର ପୁନରୁଦ୍ଧାର

499 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- କୁଆଁରିଆ ଜଳସେଚନ ପ୍ରକଳ୍ପ ତଥା ତାର ସଲଗ୍ନ କେନାଲ ଗୁଡିକର ପୁନରୁଦ୍ଧାର ପାଇଁ ବ୍ୟବସ୍ଥାଥିଲେ, ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି ଉକ୍ତ ପ୍ରକଳ୍ପର ଜଳଧାରଣର କ୍ଷମତା ବୃଦ୍ଧି ସାଙ୍ଗକୁ ଉଦ୍ଦିଷ୍ଟ ଜମିର ଜଳସେଚନ ନିମନ୍ତେ ଦୃଷ୍ଟି ଦେବେ କି ?

----

## ପ୍ରତିଷ୍ଠା ହେବାକୁ ଥିବା ଇସ୍ପାତ କାରଖାନା

500 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ସଡକ ଦୁର୍ଘଟଣା ରୋକିବା

501 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଗତ ଦୁଇ ବର୍ଷ ମଧ୍ୟରେ କେଉଁ କାରଣ ଯୋଗୁଁ କେତୋଟି ସଡକ ଦୁର୍ଘଟଣା ଘଟିଛି ତାହାର ସମସ୍ତ ତଥ୍ୟ ସରକାରଙ୍କ ପାଖରେ ଅଛି କି ଏବଂ ଏହାକୁ ପୂର୍ଣ୍ଣ ମାତ୍ରାରେ ରୋକିବା ପାଇଁ ସରକାରଙ୍କ କଣ ଯୋଜନା ରହିଛି?

----

## Amount of Revolving Fund

502 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ବାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

----

## ବାତ୍ୟା ଆଶ୍ରମ ସ୍ଥଳୀରେ Relief ପ୍ରଦାନ

503 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ରାଜସ୍ବ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ତା.23.10.2024 ରେ ଘଟିଥିବା ଦାନା ବାତ୍ୟା ପାଇଁ ସରକାରଙ୍କ ତରଫରୁ କେଉଁ କେଉଁ ଅଞ୍ଚଳକୁ କି କି Relief ପ୍ରଦାନ କରାଯାଇଥିଲା କେତେ ଗୋଟି ବାତ୍ୟା ଆଶ୍ରୟସ୍ଥଳୀ ଅସ୍ଥାୟୀ ଶିବିର କି କି Relief ପ୍ରଦାନ କରାଯାଇ ଥିଲା ତାହାର ପଞ୍ଚାୟତିୟାରୀ ତଥ୍ୟ ପ୍ରଦାନ କରିବେ କି ଏବଂ ଉକ୍ତ Relief କେଉଁ କେଉଁ ଅଧିକାରୀଙ୍କ ଦ୍ବାରା କେଉଁ ପଞ୍ଚାୟତରେ ବଣ୍ଟାଯାଇ ଥିଲା ?

----

## ରେଙ୍ଗାଲି ଡ୍ୟାମ ଦ୍ବାରା ଗ୍ରାମ ସ୍ଥାନାନ୍ତର

504 **ଶ୍ରୀ ଅଶୋକ ମହାନ୍ତି (ପାଲଲହଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରେଙ୍ଗାଲି ଡ୍ୟାମ ଦ୍ବାରା କେତୋଟି ଗ୍ରାମକୁ ଜଳଭଣ୍ଡାର ରୁ ସ୍ଥାନାନ୍ତରଣ କରାଯାଇଥିଲା ସେଥିମଧ୍ୟରୁ ପାଲ୍ଲଲହଡା ବ୍ଲକରେ କେତେଗୋଟି, ଗ୍ରାମ ସ୍ଥାପିତ କରାଯାଇଛି ସେମାନଙ୍କ ପାଇଁ କଣ ସୁବିଧା କରାଯାଇଛି ?

----

## ନିର୍ମାଣ ହୋଇଥିବା Mega lift irrigation project

505 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବାଙ୍କି ନିର୍ବାଚନ ମଣ୍ଡଳୀର ବୈଦେଶ୍ବର ଠାରେ 2500 କୋଟି ଟଙ୍କାରେ ନିର୍ମିତ ହେଉଥିବା Mega lift irritation project ତାର ଆଇକଟ area ବାଦ ପଡି ଯାଉଛି ଫଳରେ ଯାଗା ମାଡ ଖାଇ ଯାଉଛି ଏଥିପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି ଏବଂ ଉକ୍ତକାମ କେବେସୁଦ୍ଧା ସମ୍ପୂର୍ଣ୍ଣ ହେବ କହିବେ କି ?

----

## ଗୋଚର ଜମିକୁ Record ଭୁକ୍ତ କରିବା

506 **ଶ୍ରୀ ସି.ଏସ୍.ରାଜ୍ନେ ଏକ୍କା (ରାଜଗାଙ୍ଗପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଧାନସଭାର ତା.16.03.2023 ରିଖର S. Q. No-324 ର ଉତ୍ତର ପରିପ୍ରେକ୍ଷୀରେ ଜମି ହରାଇଥିବ ହିତାଧିକାରୀ ମାନଙ୍କ ନାମରେ ଗୋଚର ଜମିକୁ Record ଭୁକ୍ତ କରି ପଟ୍ଟା ବଣ୍ଟନ କରିବା ପାଇଁ ସରକାର ଦେଇଥିବା ପ୍ରତିଶୃତି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ନହେବାର କାରଣ କଣ ଏବଂ ସରକାର ଦେଇଥିବା ଉକ୍ତ ପ୍ରତିଶୃତି କେବେସୁଦ୍ଧା କାର୍ଯ୍ୟକାରୀ ହେବ କହିବେ କି ?

----

## କାର୍ଯ୍ୟକ୍ଷମ ଥିବା Deogarh Mining Office

507 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ସରକାରୀ ନିର୍ଦ୍ଦେଶନାମା ବଳରେ ଓ କେବେଠାରୁ Deogarh Mining Office ଟି ଖୋଲିବା ନିମନ୍ତେ ନିର୍ଦ୍ଦେଶନାମା ଜାରି କରାଯାଇଥିଲା ଏବଂ sanctioned strength ଅନୁସାରେ କେତେ କର୍ମଚାରୀ ଆବଶ୍ୟକ ଥିବା ସ୍ଥଳେ ବର୍ତ୍ତମାନ କେତେ କର୍ମଚାରୀ କାର୍ଯ୍ୟ କରୁଅଛି, Revenue ଠିକ୍ ଭାବରେ collection ନିମନ୍ତେ ଆବଶ୍ୟକ ପଦବୀ ପୂରଣ କରିବେ କି ?

----

## ଭୂମିହୀନ ମାନଙ୍କୁ ଘର ଡିହ ପଟ୍ଟା ବଣ୍ଟନ

508 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଅଦ୍ୟାବଧି କେତେଜଣ ବ୍ୟକ୍ତି ଭୂମିହୀନ ଭାବରେ ଅଛନ୍ତି, ଉକ୍ତ ଭୂମିହୀନ ଗରିବ ଅଧିବାସୀଙ୍କୁ ସରକାରଙ୍କ ନିୟମାନୁସାରେ ଘର ଡିହ ଯୋଗାଇଦେବା ପାଇଁ ସରକାର ଅବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ବିସ୍ଥାପିତ ପରିବାରଙ୍କୁ ନିଯୁକ୍ତି

509 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାୟଗଡା ଜିଲ୍ଲା ତଥା ବିଷମକଟକ ନିର୍ବାଚନ ମଣ୍ଡଳୀରୁ ସ୍ଥାନୀୟ ଯୁବକମାନଙ୍କୁ ଖଣି କ୍ଷେତ୍ରରେ ନିଯୁକ୍ତି ସୁଯୋଗରେ ପ୍ରାଥମିକତା ଦିଆଯିବା ପାଇଁ କେଉଁ ପଦକ୍ଷେପ ନିଆଯାଉଛି, କେତେ ଜଣ ସ୍ଥାୟୀ ନିଯୁକ୍ତି ପାଇଛନ୍ତି ବିଗତ ଦଶ ବର୍ଷ ମଧ୍ୟରେ ରାୟଗଡା ଜିଲ୍ଲାର ଖଣି ସବୁରୁ ରାଜ କୋଷକୁ କେତେ ଟଙ୍କା ରାଜସ୍ୱ ଆଦାୟରେ ସହଯୋଗ କରିଛି, ଏବଂ ପ୍ରତି ବଦଳରେ ବଜେଟରେ ରାୟଗଡା ଜିଲ୍ଲାକୁ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର କେତେ ଟଙ୍କା ଅନୁଦାନ ଦେଇଛନ୍ତି, ଏଥି ସହ ଗତ ଦଶ ବର୍ଷ ମଧ୍ୟରେ ରାୟଗଡା ଜିଲ୍ଲାର DMF କୁ କେତେ ଟଙ୍କା ମିଳିଛି ଏବଂ ସେଥିରୁ ବିଷମକଟକ ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକ କୁ କେତେ ଟଙ୍କା ଅନୁଦାନ ଆସିଛି ଓ ଜମି ଅଧିଗ୍ରହଣ ଏବଂ ବିସ୍ଥାପନ ପ୍ରସଙ୍ଗରେ ଜିଲ୍ଲା ସମେତ ବିଷମକଟକ ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ସମ୍ପ୍ରଦାୟଙ୍କ ଅଭିଯୋଗ ଏବଂ ସମସ୍ୟାର ସମାଧାନ ପାଇଁ କେଉଁ ପଦକ୍ଷେପ ନିଆଯାଇଛି, ଏବେ ସୁଦ୍ଧା କେତେ ଜଣ ବିସ୍ଥାପିତଙ୍କୁ ସ୍ଥାପିତ କରାଯାଇଛି, କେତେଜଣ ବିସ୍ଥାପିତ ପରିବାରକୁ ନିଯୁକ୍ତି ପ୍ରଦାନ କରାଯାଇଛି ?

----

## ଉମରକୋଟ ଏବଂ ଝରିଗାଁ ଅଧୀନରେ ଜମି ବନ୍ଦୋବସ୍ତ କରିବା

510 **ଶ୍ରୀ ନରସିଂ ଭାତ୍ରା (ଝରୀଗାଁ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଉମରକୋଟ ଏବଂ ଝରିଗାଁ ଅଞ୍ଚଳର ଜମି ବନ୍ଦୋବସ୍ତ ୧୨୫୬ ମସିହା ପରଠାରୁ ହୋଇନାହିଁ, ଫଳରେ ଜମିର ସଠିକ ଚିହ୍ନଟ ହୋଇପାରୁନାହିଁ, ଜଣଙ୍କ ଜମି ଅନ୍ୟ ଜଣେ ମାଡିବସି ଚାଷ କରୁଅଛି, ଫଳରେ ସବୁବେଳେ ଗଣ୍ଡଗୋଳ ଲାଗି ରହୁଛି, ଜାଗା ଗୁଡିକର ପଟ୍ଟା ପୂର୍ବ ପୁରୁଷ ମାନଙ୍କର ନାମରେ ଥିବାରୁ ବର୍ତ୍ତମାନ ବଂଶଧର ମାନଙ୍କ ଜାତିଗତ ପ୍ରମାଣ ପତ୍ର ଏବଂ ଜାଗା ଚିହ୍ନଟ ହୋଇନପାରିବାରୁ ଜାଗାରେ ଘର ତିଆରି ପାଇଁ ସମସ୍ୟା ହେଉଛି, ଏଣୁ ଏହି ସମସ୍ୟାର ସମାଧାନ ପାଇଁ ସରକାର ଏଠାରେ ଜମି ବନ୍ଦୋବସ୍ତ (Land Settlement) କରିବା ପାଇଁ ପଦକ୍ଷେପ ନେବେ କି ?

----

## ଧନୁଆ ଓ ପ୍ରାଚୀ ନଦୀରୁ ପୁନରୁଦ୍ଧାର

511 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧନୁଆ ଏବଂ ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି, ଉକ୍ତ ନଦୀ ଦ୍ୱୟ ଅତି ପ୍ରାଚୀନ ଏବଂ ଏହା ସମ୍ପୂର୍ଣ୍ଣ ପୋତି ହୋଇଯାଇଥିବାରୁ ଏବଂ ଅନେକ ଜାଗାରେ ଏହାର ବନ୍ଧ ଭାଙ୍ଗିଯାଇ ନିଷ୍କାସିତ ନହୋଇ ଲୋକ ମାନଙ୍କର ଫସଲ କ୍ଷୟ କ୍ଷତି ହୁଏ, ଗ୍ରୀଷ୍ମ ଋତୁରେ ଲୋକମାନଙ୍କର ଜଳ ସଙ୍କଟ ଦୂର ହୋଇ ଏଠାରେ ଏକ Check Dam କରିବା ପାଇଁ ପଦକ୍ଷେପ ନେବେ କି ?

----

## କେନାଲରେ ଅଧିକ ଜଳ ପ୍ରବାହ କରିବା

512 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- କିସନ ନଗର ଅଞ୍ଚଳରେ ପ୍ରବାହିତ କେନାଲରେ ଅଧିକାଂଶ ସମୟରେ ଜଳର ଅଭାବ ହେଉଥିବାରୁ ଚାଷୀ ତଥା ନିତ୍ୟ ବ୍ୟବହାର କରୁଥିବା ଲୋକମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବାରୁ ସରକାର ଏଥିପ୍ରତି ଧ୍ୟାନ ଦେଇ ଏହାର ବିହିତ ପ୍ରତିକାର କରିବେ କି ?

----

## ବାତ୍ୟା ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତରିତ ହୋଇଥିବା ଲୋକ

513 **ଶ୍ରୀ ସୁଶାନ୍ତ କୁମାର ରାଉତ (ଭୁବନେଶ୍ୱର-ଉତ୍ତର ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 2024 ଅକ୍ଟୋବର 24 ଓ 25 ତାରିଖରେ ସଙ୍ଗଠିତ ବାତ୍ୟା "ଦାନା" ଦ୍ୱାରା କେଉଁ କେଉଁ ଜିଲ୍ଲାର କେତେ ଲୋକଙ୍କୁ ବାତ୍ୟା ଆଶ୍ରୟ ସ୍ଥଳୀ ତଥା ଅନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା ତା'ର ଏକ ଜିଲ୍ଲାୱାରୀ ଓ ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି, ସ୍ଥାନାନ୍ତରିତ ହୋଇଥିବା ଲୋକମାନଙ୍କ ପାଇଁ ସରକାର ଖାଦ୍ୟ ଓ ପରିବହନ ବାବଦରେ କେତେ ଟଙ୍କା ଖର୍ଚ୍ଚ କରିଥିଲେ, ତା'ର ଏକ ଜିଲ୍ଲାୱାରୀ ଓ ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି ?

----

## ସମସ୍ତ ଜମିକୁ ଜଳସେଚନ ବ୍ୟବସ୍ଥା

514 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ମୋଟ ଜମିରୁ ବର୍ତ୍ତମାନ ସୁଦ୍ଧା କେତେ ଜମିରେ ଜଳସେଚିତ ସୁବିଧା ଅଛି, ବାକିଥିବା ଜଳସେଚିତ ହୋଇନଥିବା ଜମିକୁ ଜଳସେଚିତ କରିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି, ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ କେତେ ଜମି ଜଳସେଚିତ ହୋଇଛି, କେତେ ଜମି ଆଜିସୁଦ୍ଧା ଜଳସେଚିତ ହୋଇନାହିଁ, ଜଳସେଚିତ ହୋଇନଥିବା ଜମିକୁ କେବେସୁଦ୍ଧା ଜଳସେଚିତ କରାଯିବ କହିବେ କି ?

----

## ରେଳ ଷ୍ଟେସନର ଆଧୁନିକୀକରଣ

515 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସାକ୍ଷୀଗୋପାଳ ଏକ ଐତିହାସିକ ପର୍ଯ୍ୟଟନସ୍ଥଳୀ ହୋଇଥିବା କାରଣରୁ ଏଠାକୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ଆଗମନ କରିଥାନ୍ତି ସେମାନଙ୍କ ସୁବିଧା ପାଇଁ ସାକ୍ଷୀଗୋପାଳ ରେଳ ଷ୍ଟେସନକୁ ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ସୂଚନା କେନ୍ଦ୍ର ପ୍ରତିଷ୍ଠା

516 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ସାକ୍ଷୀଗୋପାଳ ଓ କଣାସଠାରେ ସୂଚନା କେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ସରକାରୀ ପ୍ରେସରେ ମୁଦ୍ରଣ କାର୍ଯ୍ୟ କରିବାକୁ ପଦକ୍ଷେପ

517 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସରକାରୀ ପ୍ରେସ୍ ଥିଲାବେଳେ ଅଧିକାଂଶ ସରକାରୀ କାର୍ଯ୍ୟାଳୟ ଓ ସଂସ୍ଥାର ମୁଦ୍ରଣ ଘରୋଇ ପ୍ରେସରେ ସମ୍ପାଦନ ହେଉଥିବା କାରଣ କଣ ପ୍ରକାଶ କରି ସମସ୍ତ ସରକାରୀ କାର୍ଯ୍ୟାଳୟ ପାଇଁ ଆବଶ୍ୟକ ମୁଦ୍ରଣ ସରକାରୀ ପ୍ରେସରେ ସମ୍ପାଦନ ପାଇଁ ସରକାର ବ୍ୟବସ୍ଥା କରିବେ କି?

----

## ଗ୍ରାମାଞ୍ଚଳ ମହିଳାଙ୍କୁ ସ୍ୱାବଲମ୍ବି କରିବାକୁ ପଦକ୍ଷେପ

518 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ପଦବୀ ପୂରଣ ପାଇଁ ପଦକ୍ଷେପ

519 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଖଣି, ଇସ୍ପାତ ଓ ଭୂତତ୍ତ୍ୱ ବିଭାଗରେ ମଂଜୁରୀପ୍ରାପ୍ତ କେଉଁ ବର୍ଗର ଅଧିକାରୀ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ପ୍ରକଳ୍ପ ଅନୁମୋଦନ ସମ୍ପର୍କରେ

520 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ବିଧାୟକ ଓ ସାଂସଦ ପାଣ୍ଠିର ଅର୍ଥରେ ସୁପାରିଶ ପ୍ରକଳ୍ପ ଗୁଡିକ ଅନୁମୋଦନ ଜିଲ୍ଲା ଯୋଜନା କାର୍ଯ୍ୟାଳୟରେ ବିଳମ୍ବିତ ହେଉଥିବା ପରିପ୍ରେକ୍ଷୀରେ ଏହାକୁ ପୌରସଂସ୍ଥା ଓ ବ୍ଲକ ସ୍ତରରେ ଅନୁମୋଦନ ପାଇଁ ସରକାର ନିୟମ ପ୍ରଣୟନ କରିବେ କି ଏବଂ (ଖ) ସମସ୍ତ ପ୍ରସ୍ତାବଗୁଡିକ ଆଗାମୀ ଦିନ ଜିଲ୍ଲା ଯୋଜନା କମିଟିକୁ ନଯାଇ ବ୍ଲକ ଓ ପୌରସଂସ୍ଥା ସ୍ତରରେ ଅନୁମୋଦନ ପାଇଁ ବ୍ୟବସ୍ଥା କରିବେ କି?

----

## ମଂଜୁରୀପ୍ରାପ୍ତ ପଦବୀ ପୂରଣ

521 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକସ୍ଥିତ ସରକାରୀ ମୁଦ୍ରଣାଳୟରେ 01.11.2024 ରିଖ ସୁଦ୍ଧା ମଂଜୁରୀପ୍ରାପ୍ତ କେଉଁ ବର୍ଗର କେତେଗୋଟି ଅଧିକାରୀ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଛି?

----

## ପ୍ରେକ୍ଷାଳୟ ପ୍ରତିଷ୍ଠା ପାଇଁ ପଦକ୍ଷେପ

522 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ବାଦାମବାଡି ବସଷ୍ଟାଣ୍ଡର ସମ୍ପ୍ରସାରଣ

523 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ବାଦାମବାଡିସ୍ଥିତ ପୁରୀ ବସଷ୍ଟାଣ୍ଡକୁ ସଂପ୍ରସାରଣ ଓ ଆଧୁନିକୀକରଣ ପାଇଁ ସରକାର କି ଯୋଜନା ପ୍ରଣୟନ କରିବାକୁ ଯାଉଛନ୍ତି ଅବଗତ କରିବେ କି?

----

## ରେଳଷ୍ଟେସନର ଆଧୁନିକୀକରଣ

524 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କଟକ ସହରର କାଠଯୋଡି ପାସେଞ୍ଜର ହଲଟ୍ ଓ କେନ୍ଦ୍ରାପଡା ରୋଡ(ଜଗତପୁର) ରେଳଷ୍ଟେସନରେ ଆଧୁନିକୀକରଣ ଓ ସଂପ୍ରସାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ (ଖ) କେନ୍ଦ୍ରାପଡା ରୋଡ ରେଳଷ୍ଟେସନକୁ ଜଗତପୁର ରେଳଷ୍ଟେସନରେ ନାମିତ ପାଇଁ ସରକାର ପ୍ରସ୍ତାବ ପ୍ରଦାନ କରିବେ କି?

----

## ମଙ୍ଗୁଳିଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଚାରି-ଲେନ କାର୍ଯ୍ୟ

525 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ମହିଳା ଓ ଛାତ୍ରୀମାନଙ୍କ DL କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

526 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ୨ଚକିଆ ଯାନ ବାହାନର ଅତ୍ୟଧିକ ଚଳପ୍ରଚଳ ହେଉଥିବା ସ୍ଥଳେ ବର୍ତ୍ତମାନ ମହିଳା/ ଛାତ୍ରୀମାନଙ୍କର ସଂଖ୍ୟା ଦିନକୁ ଦିନ ଅଧିକ ହେଉଥିବା ସରକାର ଅବଗତ ଅଛନ୍ତି କି ? ଯଦି ଉତ୍ତର ହଁ ହୁଏ, ତେବେ ମହିଳା ଓ ଛାତ୍ରୀମାନଙ୍କ DL କରିବା ପାଇଁ ବିଭାଗ ପକ୍ଷରୁ କି ସ୍ୱତନ୍ତ୍ର କି ବ୍ୟବସ୍ଥା ହୋଇଛି ଜଣାଇବେ କି ? ଯଦି ନ ହୋଇଥାଏ, ତେବେ ସେମାନଙ୍କ ପାଇଁ ପ୍ରତ୍ୟେକ ଜିଲ୍ଲାସ୍ତରରେ RTO Office ରେ ସପ୍ତାହକୁ ଗୋଟିଏ ନିର୍ଦ୍ଦିଷ୍ଟ ଦିନ ମହିଳାମାନଙ୍କ ପାଇଁ ସଂରକ୍ଷଣ ନିମନ୍ତେ ପଦକ୍ଷେପ ନେବେ କି ?

----

### Rengali Right Canal କାର୍ଯ୍ୟ

527 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଅଣତାରକା ପ୍ରଶ୍ନ ସଂଖ୍ୟା-୨୬୭ ତାଃ୨୫,୦୭.୨୦୨୪ ଉତ୍ତର ପରିପ୍ରେକ୍ଷୀରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ହେଉଥିବା । Rengali Right Canal ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ସରିଯାଇଥିବା ଅଞ୍ଚଳଗୁଡିକରେ କାର୍ଯ୍ୟ ହୋଇଛି । ଏହି କାର୍ଯ୍ୟଗୁଡିକ ଦୃତଗତି କରିବା ନିମନ୍ତେ ବିଭାଗ ପକ୍ଷରୁ କି ପଦକ୍ଷେପ ନେଇଛନ୍ତି ?

----

### Framework of water rights policy

528 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (a) What is framework of water rights policy and water allocation policy formations in the state, district wise? (b) Whether industrial units & corporate entities are given first priority in water allocation over the claims of the farmers if so the details of present status and the architecture of the water policy of the State ?

----

### ଭୂତଳ ଜଳ ପୁନଃଭରଣ

529 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- "କଟକ ଜିଲ୍ଲାର କେଉଁ ବ୍ଲକ୍‌ରେ ବିଗତ ୫ବର୍ଷ ମଧ୍ୟରେ ଭୂତଳ ଜଳସ୍ତର କେତେ ନିମ୍ନଗାମୀ ହୋଇଛି। ଏଥିପାଇଁ କେବେ କେଉଁମାନଙ୍କ ଦ୍ୱାରା ସର୍ଭେ କରାଯାଇଥିଲା ଜଣାଇବା ସହ, ଏହାର ବ୍ଲକୱାରୀ ତଥ୍ୟଦେବା ସହ ଭୂତଳ ଜଳ ପୁନଃଭରଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

### କ୍ଷୟକ୍ଷତିର ଆକଳନ

530 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଉତ୍ତର ବାଲେଶ୍ୱରରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀ ଉଭୟତଟରେ କେଉଁ ବ୍ଲକ ଅଞ୍ଚଳରେ କେଉଁଠାରେ କୂଳଲଘିଁ ବ୍ୟାପକ କ୍ଷୟକ୍ଷତି ହୋଇଛି ; କ୍ଷତିର ଆକଳନ ହୋଇଛି କି ; ଯଦି ହୋଇଥାଏ ତେବେ ପ୍ରତ୍ୟେକଟିର ପରିମାଣ କେତେ ; ଏଥି ସକାଶେ କେତେ ଅର୍ଥ ବିନିଯୋଗ ବ୍ୟବସ୍ଥା ହେଉଛି ନିଜେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ବନ୍ୟା କ୍ଷୟକ୍ଷତି ଅନୁଧ୍ୟାନ କରିଥିବା ବେଳେ ସରକାରଙ୍କର ସବିଶେଷ କାର୍ଯ୍ୟାନୁଷ୍ଠାନ କଣ?

----

## ପଥର ବନ୍ଧ ମରାମତି ପାଇଁ ପାଣ୍ଠି ଯୋଗାଣ

531 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ କ୍ରମାଗତ ବର୍ଷା ଓ ବନ୍ୟାରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାକିଡିଆ (MAKIDIA) ଠାରେ ଦୀର୍ଘ ଲମ୍ବରେ ପଥର ବନ୍ଧର କେତୋଟି ସ୍ଥାନରେ ପଥର ପ୍ୟାକିଂ ଦବିଯାଇଛି, ଏହି କ୍ଷତିର ପରିମାଣ କେତେ ପ୍ରତ୍ୟେକଟିର ସଠିକ୍ ନିର୍ଣ୍ଣୟ ହୋଇଛି କି ; ଏହାର ମରାମତି ପାଇଁ SRCଙ୍କ ଦ୍ୱାରା ପାଣ୍ଠି ଯୋଗାଣର ପଦକ୍ଷେପ କଣ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି?

----

## ବସଷ୍ଟାଣ୍ଡ ନିର୍ମାଣ

532 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜଳେଶ୍ୱର ଠାରେ OSRTC ଦ୍ୱାରା ବସଷ୍ଟାଣ୍ଡ ନିର୍ମାଣ ସକାଶେ ଜମି ହସ୍ତାନ୍ତର ପ୍ରକ୍ରୀୟା ବର୍ତ୍ତମାନ କେଉଁ ସ୍ତରରେ ; ହସ୍ତାନ୍ତର କାର୍ଯ୍ୟ ସମାପ୍ତ ହୋଇଥିଲେ ପରବର୍ତ୍ତୀ କାର୍ଯ୍ୟର ନିର୍ମାଣ କାହାକୁ ଦାୟିତ୍ୱ ଦିଆଯାଇଛି ଓ ଏ ବାବଦରେ ସରକାର କେତେ ଅର୍ଥ ମଂଜୁର କରିଛନ୍ତି?

----

## ବନ୍ଦର ନିର୍ମାଣ

533 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସୁବର୍ଣ୍ଣରେଖା ନଦୀ ମୁହାଣ ଚୌମୁଖ (CHAUMUKH) ଠାରେ ବନ୍ଦର ନିର୍ମାଣର ନିର୍ମାଣକାରୀ ସଂସ୍ଥା କେତେଦୂର ଅଗ୍ରଗତି କଲେଣି, କେଉଁ ଦିଗ ପ୍ରତି ଧ୍ୟାନ ଦିଆଯାଇ କାର୍ଯ୍ୟ ଚାଲୁରହିଛି ; ବନ୍ଦର ବ୍ୟତୀତ ଆନୁସଙ୍ଗିକ କାର୍ଯ୍ୟ କଣ ହେଉଛି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି?

----

## ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ପଦକ୍ଷେପ

534 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ପ୍ରତି ଜିଲ୍ଲାରୁ Critical Gap Funds(CGF) ଅନୁଦାନର ଅର୍ଥ ମଂଜୁର ହୋଇଥିଲେ ମଧ୍ୟ ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି ନିଯୁକ୍ତି ହୋଇନଥିବାରୁ ତାଙ୍କଦ୍ୱାରା ପ୍ରସ୍ତାବ ଗୃହୀତ ହେବା ବିଧି ବ୍ୟବସ୍ଥା ଥିବାବେଳେ ସରକାର କଣ ବିକଳ୍ପ ବ୍ୟବସ୍ଥା ଅବଲମ୍ବନ କରିବେ?

----

## ଇଲେକ୍ଟ୍ରୋନିକ୍ସ ଡିଜିଟାଲ୍ ଡିସ୍‌ପ୍ଲେ ବ୍ୟବସ୍ଥା ପ୍ରବର୍ତ୍ତନ

535 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ସରକାରଙ୍କ ଲୋକ କଲ୍ୟାଣଧର୍ମୀ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ପାଇଁ ଖୋର୍ଦ୍ଧା ସହର, ଜଟଣୀ ସହର, ତଳଖେତା ଛକ, ଚନ୍ଦକା ଓ ମେଣ୍ଢାଶାଳଠାରେ ଇଲେକ୍ଟ୍ରୋନିକ୍ସ ଡିଜିଟାଲ୍ ଡିସ୍‌ପ୍ଲେ ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ବସ୍ ସେବା ସମ୍ପ୍ରସାରଣ

536 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଟଣୀରୁ କପିଳପ୍ରସାଦ ଦେଇ ଭୁବନେଶ୍ୱର, ଜଟଣୀରୁ ତଳଖେତା ଦେଇ ଭୁବନେଶ୍ୱର, ଜଟଣୀରୁ ପିପିଲି ଦେଇ ପୁରୀ ଓ କୋଣାର୍କ, ଭୁବନେଶ୍ୱରରୁ ଚନ୍ଦକା ଦେଇ ନନ୍ଦନକାନନ, ଭୁବନେଶ୍ୱରରୁ ଚନ୍ଦକା ଦେଇ ଖୋର୍ଦ୍ଧା, ଭୁବନେଶ୍ୱରରୁ କଳିଙ୍ଗ ଷ୍ଟୁଡ଼ିଓ ଛକ, ଗୋଠପାଟଣା ଦେଇ ଖୋର୍ଦ୍ଧାକୁ ବସ୍ ସେବା ସମ୍ପ୍ରସାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଜିଲ୍ଲା ଓ ସବ୍‌ଡିଭିଜିନାଲ୍ ସଦର ମହକୁମାରେ ଡାଏରୀ ଓ କ୍ୟାଲେଣ୍ଡର ବିକ୍ରୟ

537 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆସନ୍ତା ୨୦୨୫ ବର୍ଷ ନିମନ୍ତେ ଓଡ଼ିଶା ସରକାରଙ୍କ ଡାଏରୀ ଓ କ୍ୟାଲେଣ୍ଡର ପ୍ରତ୍ୟେକ ଜିଲ୍ଲା ଓ ସବ୍‌ଡିଭିଜିନାଲ୍ ସଦର ମହକୁମାରେ ବିକ୍ରୟ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ପ୍ରକଳ୍ପଗୁଡ଼ିକୁ ପୁନଃ ଆବଣ୍ଟନ

538 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ପୂର୍ବତନ ବିଧାୟକ ଓ ସାଂସଦମାନଙ୍କ ଆବଣ୍ଟିତ ହୋଇନଥବା ଓ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ହୋଇନଥିବା ପ୍ରକଳ୍ପଗୁଡ଼ିକୁ ବର୍ତ୍ତମାନର ସାଂସଦ ଓ ବିଧାୟକମାନଙ୍କ ଦ୍ୱାରା ପୁନଃ ଆବଣ୍ଟନ ନିମନ୍ତେ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## କେନାଲ ଜଳସେଚନ ବ୍ୟବସ୍ଥା ସମ୍ପ୍ରସାରଣ

539 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଜଟଣୀ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମାଧ୍ୟମରେ କେତେ ଜମିକୁ ଜଳସେଚନର ସୁବିଧା ପ୍ରଦାନ କରାଯାଉଛି, ପ୍ରକାଶ କରି ଏହାର କେନାଲ ଜଳସେଚନ ବ୍ୟବସ୍ଥା ସମ୍ପ୍ରସାରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଅଧିକାରୀ ଓ କର୍ମଚାରୀ ଙ୍କ ଖାଲିଥିବା ପଦବୀ ସଂଖ୍ୟା

540 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାର କେଉଁ ରାଜସ୍ୱ କାର୍ଯ୍ୟାଳୟରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର କେତେଗୋଟି ଅଧିକାରୀ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଭଦ୍ରକ ଜିଲ୍ଲାରେ ରେଳ ମାଧ୍ୟମରେ ଖଣିଜ ଓ ମାଲ୍ ପରିବହନ ସମ୍ପର୍କରେ

541 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚମ୍ପୁଆଠାରୁ ଧାମରା, ଭାୟା- ଆନନ୍ଦପୁର, ଯାଜପୁର ରେଳପଥ ସମ୍ପ୍ରସାରଣ ପୂର୍ବକ କେନ୍ଦୁଝର, ଯାଜପୁର ଓ ଭଦ୍ରକ ଜିଲ୍ଲାରେ ରେଳ ମାଧ୍ୟମରେ ଖଣିଜ ଓ ମାଲ୍ ପରିବହନ ଓ ଯାତ୍ରୀ ସେବା ସୁସଂହତ ନିମନ୍ତେ କେନ୍ଦୁଝର ଜିଲ୍ଲାବାସୀ କ୍ରମାଗତ ଭାବେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ପ୍ରତି ସରକାର ସଚେତନ ଅଛନ୍ତି କି, ଉତ୍ତର ହଁ ହେଲେ ଏହାର କାର୍ଯ୍ୟକାରିତା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଇଲେକ୍ଟ୍ରୋନିକ୍ସ ଡିଜିଟାଲ୍ ଡିସ୍ପ୍ଲେ ବୋର୍ଡ ସମ୍ପର୍କରେ

542 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ସରକାରଙ୍କ ବିଭିନ୍ନ ଲୋକକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବାକୁ କେନ୍ଦୁଝର ଜିଲ୍ଲା ସଦର ମହକୁମା ସହ ଚମ୍ପୁଆ ଓ ଆନନ୍ଦପୁର ଉପଖଣ୍ଡ ସଦର ମହକୁମା ଓ ଜିଲ୍ଲାର ବିଭିନ୍ନ ବ୍ଲକ ସଦର ମହକୁମାରେ ଇଲେକ୍ଟ୍ରୋନିକ୍ସ ଡିଜିଟାଲ୍ ଡିସ୍ପ୍ଲେ ବୋର୍ଡ ମାଧ୍ୟମରେ ପ୍ରଗତିଶୀଳ କାର୍ଯ୍ୟକ୍ରମ ପ୍ରସାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷପ ନିଆଯାଉଅଛି ?

----

## ସରକାରୀ ମୁଦ୍ରଣାଳୟର ଆଧୁନିକୀକରଣ ଓ ସମ୍ପ୍ରସାରଣ ସମ୍ପର୍କେର

543 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦୁଝରଠାରେ ଥିବା ସରକାରୀ ମୁଦ୍ରଣାଳୟର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି, ବିଗତ ତିନି ବର୍ଷରେ ଏ ବାବଦରେ କେତେ ଅର୍ଥ ବିନିଯୋଗ ହୋଇଛି, ପ୍ରକାଶ କରି ଏଠାରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର ଅଧିକାରୀ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ପଦକ୍ଷେପ

544 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- କେଉଁ କେଉଁ ଜିଲ୍ଲାକୁ ନେଇ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ଓ ଏହି ପ୍ରସ୍ତାବ କେବେସୁଦ୍ଧା କାର୍ଯ୍ୟକାରୀ କରାଯାଇ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ପୂର୍ଣ୍ଣାଙ୍ଗ ହେବ ?

----

## ଖଣିଜ ସଂପଦର ତାଲିକା

545 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶା ପ୍ରଦେଶ ଖଣିଜ ସଂପଦ ଦ୍ଵାରା ରାଜ୍ୟ ଅଟେ, ଅବିଭକ୍ତ କୋରାପୁଟ ଜିଲ୍ଲାୱାରୀ ଖଣିଜ ସଂପଦର ସଂପୁର୍ଣ୍ଣ ତାଲିକା ସହ ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀରେ ଗଚ୍ଛିତ ଥିବା ଖଣିଜ ସଂପଦର ତାଲିକା ସରକାରୀ ପ୍ରଦାନ କରିବେକି?

----

## ଋଷିକୂଲ୍ୟା ନଦୀରେ ଆନିକଟ ନିର୍ମାଣ

546 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଋଷିକୂଲ୍ୟା ନଦୀରେ କେତେଗୋଟି ଆନିକଟ ତିଆରି ହୋଇଛି, ପିପଲପଙ୍ଗାରେ କେବେ ଡ୍ୟାମ ତିଆରି ହେବ, ଏଠାରୁ ଦୈନିକ କେତେ ପାଣି ଟାଟା ଇସ୍ପାତ(ଗୋପାଳପୁର) ଏବଂ ଗୋପାଳପୁର ପୋର୍ଟକୁ ଯୋଗାଇ ଦିଆଯିବ, ଏଥିପାଇଁ ବିସ୍ଥାପିତ ପରିବାର ସଂଖ୍ୟା କେତେ, କେତେ ଜମି ଆବଶ୍ୟକ, କେତେ ଗଛ କଟାଯିବ, ଏଥିପାଇଁ ପରିବେଶ ଅନୁମତି କେବେ ମିଳିଛି, ଜନଶୁଣାଣି କେବେ ହୋଇଛି, (ଖ)ଋଷିକୂଲ୍ୟାରୁ ପାଣି କୃଷ୍ଣ ପ୍ରସାଦ ବ୍ଲକକୁ କେବେସୁଦ୍ଧା ଯୋଗାଇ ଦିଆଯିବ, ଦୈନିକ କେତେ ଗ୍ୟାଲେନ ଉକ୍ତ ପ୍ରକଳ୍ପ କାମ କେବେ ସରିବ, କନକା ଜି.ପି.(ଖଲିକୋଟ୍) ଚିଲିକା ଡିଷ୍ଟିଲାରି ପାଣି ଦେବା ନିଷ୍ପତ୍ତି କିଏ, କେବେ ଦେଇଛନ୍ତି?

----

## ନୂତନ ପ୍ରକଳ୍ପ ପାଇଁ ବ୍ୟୟ ବରାଦ

547 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଅବିଭକ୍ତ କୋରାପୁଟ ଜିଲ୍ଲାରେ ଜଳସେଚନ ପାଇଁ କେଉଁ କେଉଁ ପ୍ରକଳ୍ପ ପାଇଁ କେତେ ଟଙ୍କା ବ୍ୟୟ ବରାଦ କରାଯାଇଛି ଓ କେତୋଟି ନୂତନ ପ୍ରକଳ୍ପ ହାତକୁ ନିଆଯାଇଛି, ବିଶେଷକରି ପୋଟାଙ୍ଗି ନିର୍ବାଚନମଣ୍ଡଳୀର ନୂତନ ପ୍ରକଳ୍ପ ପାଇଁ କେତେ ଟଙ୍କା ବ୍ୟୟ ବରାଦ ହୋଇଛି ଓ ମେଗା ପ୍ରୋଜେକ୍ଟ ରେ କାର୍ଯ୍ୟ ପାଇଁ ସ୍ଥାନୀୟ ଠିକାଦାରମାନଙ୍କୁ ସୁଯୋଗ ଦେବେକି?

----

## Details information of Lease Deeds

548 **Shri Rama Chandra Kadam (Pottangi):**

Will the Minister for **Revenue and Disaster Management** be pleased to state that:-:- Will the Govt. furnish the details information of Lease Deeds, Sale Deeds, Conveyance Deeds and Gift Deeds executed in the SR-Khandagiri, Bhubaneswar from 1st January, 2019 as on date pertaining to allotment of residential plots by GA & PG Dept. in Drawing Nos.- B-361, Drawing No.- B-360, Drawing No.- B-371, Drawing No.- B-372, Drawing No.- B-1082, Drawing No.-B-1083 of Mouza- Bharatpur and Sampur, Bhubaneswar with detail Conveyance Deed Nos., Sale Deed Nos. and Gift Deed Nos. of each of the above G.A. plots, in the said drawing nos. including names and addresses of the buyers, sellers, revenue Hal Plot nos. and Rev. Hal Khata Nos. alongwith BMV in Drawingwise in chronological manner?

----

## ଦୂଷିତ ଜଳ ନିଷ୍କାସନ

549 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ନଜୁଲ କିସମର ଥିବା ଜମିର ପରିମାଣ

550 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ ନିର୍ବାଚନମଣ୍ଡଳୀର ସୁନ୍ଦରଗଡ ସହରରେ ଥିବା ନଜୁଲ କିସମର କେତେ ପରିମାଣର ଜମି ଅଛି ଏବଂ କେତେ ବ୍ୟକ୍ତିବିଶେଷ ଏହାକୁ ଅକ୍ତିଆର କରି ରଖିଛନ୍ତି, ଦିର୍ଘ ଦିନରୁ ଏହି ଜମିକୁ ଦଖଲରେ ରଖି ସରକାରଙ୍କୁ ରଇତି ପଟ୍ଟା ପାଇଁ ଆବେଦନ କରି ବିଫଳ ହେଉଥିବା ସରକାରଙ୍କ ନଜରକୁ ଆସିଛି କି, ଯଦି ହଁ ଏଥିପାଇଁ ଏ ସମ୍ବନ୍ଧୀୟ ନିୟମାବଳୀକୁ ସରଳୀକରଣ କରି ନଜୁଲ କିସମର ଥିବା ବ୍ୟକ୍ତିମାନଙ୍କୁ ରଇତି ପଟ୍ଟା ସୁବିଧାରେ ପ୍ରଦାନ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ନେବେ କି?

----

## ବିଧାୟକ ପାଣ୍ଠିର ପରିମାଣ ବୃଦ୍ଧି

551 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବିଭିନ୍ନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ପଦାର୍ଥର ଅହେତୁକ ଦରବୃଦ୍ଧି ହେବା ହେତୁ ବିଧାୟକମାନେ ଦେଉଥିବା ବିଧାୟକ ପାଣ୍ଠି ପର୍ଯ୍ୟନ୍ତ ହେଉନଥିବା ସରକାର ଜାଣନ୍ତି କି, ଯଦି ହଁ ଜନସାଧାରଣଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଧାୟକ ପାଣ୍ଠିର ପରିମାଣ ବୃଦ୍ଧି ପାଇଁ ନିଷ୍ପତ୍ତି ନେବେକି?

----

## ପ୍ରକଳ୍ପ ପାଇଁ ଅର୍ଥ ମଂଜୁରୀରେ ବିଳମ୍ବ

552 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- HS 10 ଭୋଜପୁର ଠାରୁ ୱାର୍ଡ ନମ୍ବର 1,2,3,7 ଓ ୫ ଦେଇ ବନ୍ଧପାଲି ସେତୁ ପର୍ଯ୍ୟନ୍ତ ଏବଂ ଆଡିବନ୍ଧ ସହ ରିଙ୍ଗ ରୋଡ ନିର୍ମାଣ ପାଇଁ ପ୍ରସ୍ତାବ 129 ତମ Technical Advisory Committee for State Flood Control Board ରେ୫୪.୩୭ କୋଟି ଟଙ୍କା ଅନୁମୋଦନ ହୋଇଥିବା ସତ୍ତ୍ୱେ ଏହି ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଅର୍ଥ ମଂଜୁରୀରେ ଅନେକ ବିଳମ୍ବ ହେବାର କାରଣ କଣ ଏବଂ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ପଦକ୍ଷେପ ନେବେକି?

----

## ଗଚ୍ଛିତ ଥିବା ବିଭିନ୍ନ ପ୍ରକାର ଖଣିଜ ପଦାର୍ଥ

553 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ତଥା ସୁନ୍ଦରଗଡ ଜିଲ୍ଲାରେ କେଉଁ କେଉଁ ପ୍ରକାରର ଖଣିଜ ପଦାର୍ଥ ବର୍ତ୍ତମାନ ଗଚ୍ଛିତ ଅଛି, ଏହା କି ପ୍ରକାରର ଆକଳନ କିମ୍ବା ସର୍ଭେ ହୋଇଛି, ଏହାର ତଥ୍ୟ ସରକାର ପ୍ରଦାନ କରିବେକି (ଖ) ସୁନ୍ଦରଗଡ ଜିଲ୍ଲାରେ ଉତ୍ତୋଳନ ହେଉଥିବା ଖଣିଜ ପଦାର୍ଥରୁ ବିଗତ 2 ଆର୍ଥିକ ବର୍ଷରେ କେତେ ରାଜସ୍ୱ ମିଳିଛି ଏବଂ ସେଥିରୁ ଜିଲ୍ଲା ପାଇଁ କେତେ ଖର୍ଚ୍ଚ ହୋଇଛି ?

----

## ସୁନ୍ଦରଗଡ ଜିଲ୍ଲାରେ ଚୋରା ବାଲି ଚାଲାଣ

554 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ ଜିଲ୍ଲାରେ ହେଉଥିବା ଚୋରା ବାଲି ଚାଲାଣ ସଂପର୍କରେ ଏବଂ ସେଥିରେ ଥିବା ଛୋଟ ରୁ ବଡ ସରକାରୀ କର୍ମଚାରୀଙ୍କ ସଂପୃକ୍ତି ବାବଦରେ ସରକାର ଅବଗତ ଅଛନ୍ତି କି, ଯଦି ହଁ ତେବେ ଏଥିପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ଏବଂ ଏଥିରେ ସଂପୃକ୍ତ କେତୋଟି ଯାନବାହାନକୁ ସରକାର ଜବତ କରିଛନ୍ତି ଓ ଏଥିରେ ସଂପୃକ୍ତ ବ୍ୟକ୍ତିବିଶେଷମାନଙ୍କ ଉପରେ କେଉଁ ନ୍ୟାୟିକ ପଦକ୍ଷେପ ନିଆଯାଇଛି?

----

## ସୀମା ବିବାଦ ଲାଗିରହିଥିବା ଗାଁର ବିବରଣୀ

555 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶା ସହ କେଉଁ କେଉଁ ରାଜ୍ୟର ସୀମା ବିବାଦ ଲାଗି ରହିଛି ଏଥିରେ କେଉଁ ଜିଲ୍ଲାର କେଉଁ କେଉଁ ଗାଁ, କେତେ ଜମି, ଜଙ୍ଗଲ, ନଦୀ, ଖଣି ଓ ପାହାଡ଼ ପର୍ବତ ସମ୍ପୃକ୍ତ ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ଏହି ସୀମା ବିବାଦର ଅବସାନ ପାଇଁ ରାଜ୍ୟ ସରକାର କଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ମଞ୍ଜୁରୀପ୍ରାପ୍ତ ଆରଟିଓ ପଦବୀ ସଂଖ୍ୟା

556 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି ମଞ୍ଜୁରୀପ୍ରାପ୍ତ ଆରଟିଓ ପଦବୀ ରହିଛି ଓ ଏଥିରେ କେତେ ସଂଖ୍ୟକ ନିୟମିତ ଆରଟିଓ କାର୍ଯ୍ୟ କରୁଛନ୍ତି ; କେଉଁ କେଉଁ ଆରଟିଓ ପଦବୀ ଅତିରିକ୍ତ ଦାୟିତ୍ୱରେ ଚାଲୁଛି ଏବଂ ସେହିସବୁ ଆରଟିଓ ଦାୟିତ୍ୱରେ ଥିବା ଅଧିକାରୀ, ସେମାନଙ୍କର ପାହ୍ୟା ଓ ମୂଳ ନିଯୁକ୍ତି ସ୍ଥାନ-ଉଲ୍ଲେଖ କରିବେ କି ; ଅତିରିକ୍ତ ଭାବେ ଆରଟିଓ ପଦବୀ ସମ୍ଭାଳିଥିବା କେଉଁ କେଉଁ ଅଧିକାରୀ ଆଉ କେତୋଟି ପଦବୀରେ ଅତରିକ୍ତ ଭାବେ କାର୍ଯ୍ୟ କରୁଛନ୍ତି ତାହାର ଏକ ପଦବୀୱାରୀ ତାଲିକା ସହ କେତୋଟି ଆରଟିଓ ପଦବୀରେ ଡେପୁଟୀ କମିଶନର ଓ ତଦୁର୍ଦ୍ଧ ପାହ୍ୟାର ଅଫିସରମାନେ କାର୍ଯ୍ୟକରୁଛନ୍ତି ତାହାର ଏକ ଆରଟିଓୱାରୀ ତାଲିକା ପ୍ରଦାନ କରିବେ କି ;କେବେସୁଦ୍ଧା ସମସ୍ତ ଆରଟିଓ ପଦବୀରେ ଜଣେ କରି ନିୟମିତ ଆରଟିଓ ନିଯୁକ୍ତି ହେବେ ?

----

## Current Status of Vansadhara Water Dispute

557 Shri Kalikesh Narayan Singh Deo (Bolangir):

Will the **Chief Minister** be pleased to state that:-:- What is the current status of the Vansadhara Water Dispute Tribunal, and how does the Government plan to address the adverse effects of the flood flow canal on groundwater levels in Odisha; What specific steps has the government taken to engage with neighbouring states to resolve this dispute; Will the Govt. provide data on any reported changes in groundwater levels since the implementation of the flood flow canal; Considering the total Annual groundwater recharge of 17.79 BCM and extractable resources of 16.34 BCM reported in 2022, what specific measures are being taken to manage groundwater sustainably in drought-prone regions of Odisha; What percentage of this extractable resource is currently being utilized for agricultural purposes and Are there any on-going programs aimed at promoting rainwater harvesting and groundwater recharge in these regions ?

----

## ସାମ୍ବାଦିକଙ୍କୁ ପେନସନ ପ୍ରଦାନ

558 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ମୋଟ୍ କେତେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି କାର୍ଯ୍ୟରତ ଅଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ଏବଂ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ ହୋଇଥିବା ସାମ୍ବାଦିକମାନଙ୍କର ଏକ ଜିଲ୍ଲାୱାରୀ ତଥ୍ୟ ଦେବା ସହ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସ୍ୱାସ୍ଥବୀମା ବ୍ୟତିତ ପେନ୍‌ସନ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ ପାଇଁ ସରକାରଙ୍କର କ'ଣ ସବୁ ନୂତନ ଯୋଜନା ରହିଛି ?

----

## ପାଉଁଶ ପକାଇବା ପାଇଁ ଜମି ଯୋଗାଣ

559 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଝାରସୁଗୁଡା ଜିଲ୍ଲାରେ ତାପଜ କେନ୍ଦ୍ରରୁ ବାହାରୁଥିବା ପାଉଁଶକୁ ପକାଇବାପାଇଁ କେତେ ପରିମାଣରେ ଜମି ଯୋଗାଇ ଦିଆଯାଇଛି ଓ ଆଗାମୀ ଦିନରେ ପାଉଁଶ ପକାଇବାପାଇଁ ତହସିଲଦାରମାନେ କେତେ ପରିମାଣର ଜମି କେଉଁ କେଉଁ ସ୍ଥାନରେ ଚିହ୍ନଟ କରିଛନ୍ତି ; ଜିଲ୍ଲାର ତାପଜ କେନ୍ଦ୍ରରୁ ବାହାରୁଥିବା ପାଉଁଶ ପକାଇବାପାଇଁ କେତେ ପରିମାଣର ଜମି ଆବଶ୍ୟକ ଏବଂ ସେହି ପରିମାଣର ଜମି ଯୋଗାଇଦେବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଡ୍ୟାମ ନିର୍ମାଣ

560 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶାର ପଡ଼ୋଶୀ ରାଜ୍ୟ ମାନଙ୍କରେ ଯେପରି, ନଦୀ,ବନ୍ଧ, ଡ୍ୟାମ ଓ ଆନିକଟମାନ ତିଆରିକରି ଜଳ ଗଚ୍ଛିତ ରଖୁଛନ୍ତି ଚାଷ ଶିଳ୍ପ ଓ ପାନୀୟଜଳ ଆଦି କାର୍ଯ୍ୟରେ ବ୍ୟବହାର କରୁଛନ୍ତି, ସେହିପରି ଓଡ଼ିଶାର ମହାନଦୀ ଓ ଅନ୍ୟ ନଦୀଗୁଡ଼ିକରେ ଡ୍ୟାମ, ନଦୀବନ୍ଧ ଓ ଆନିକଟ ଆଦି ନିର୍ମାଣ କରାଯାଇ ଓଡ଼ିଶାର ଭବିଷ୍ୟତ ପିଢ଼ିକୁ ସୁଦୃଢ଼ କରିବା ନିମନ୍ତେ ସରକାର କି କି ବ୍ୟବସ୍ଥା ଗ୍ରହଣ କରୁଛନ୍ତି ?

----

## ପୁରୀ ଜିଲ୍ଲାରେ କେନାଲ ମରାମତି

561 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ପୁରୀ ଜିଲ୍ଲାରେ ଚଳିତ ବର୍ଷ କେନାଲ ଗୁଡ଼ିକ ମରାମତି ନିମନ୍ତେ କେତେ ଅର୍ଥ ପ୍ରଦାନ କରାଯାଇଥିଲା ଏବଂ କେଉଁ ବ୍ଲକରେ କେତେ ଖର୍ଚ୍ଚ ହୋଇଥିଲା ଓ କେତେ ଅଞ୍ଚଳକୁ ସୂଚାରୁରୂପେ କେନାଲ ଜମି ପ୍ରଦାନ କରାଯାଇ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି ?

----

## ପ୍ରଜାଙ୍କ ନାମରେ ସ୍ଥିତିବାନ ଜମି କରିବାକୁ ପଦକ୍ଷେପ

562 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସରକାରଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ଓ ଜଟଣୀ ତହସିଲ ଅଞ୍ଚଳରୁ ସରକାରଙ୍କ ଦ୍ୱାରା କେତେ ହେକ୍ଟର ସରକାରୀ ଜମିକୁ ଜବର ଦଖଲ ଉଠାଯାଇ ଅଛି, ତାର RI Circle ଅନୁଯାଇ ତଥ୍ୟ ପ୍ରଦାନ କରିବେ କି, ଏବଂ ଲିଜ ଜମି ପ୍ରଜାଙ୍କ ନାମ ଥାଇ କର ପ୍ରଦାନ କରାଯାଇଥିବା ( ଦଖଲ ଶୁନ ସତ୍ତ୍ୱକୁ) କେବେ ସୁଦ୍ଧା ପ୍ରଜାଙ୍କ ନାମରେ ସ୍ଥିତିବାନ କରାଯିବ ସେଥିନିମନ୍ତେ ସରକାର କି ବ୍ୟବସ୍ଥା କରିଛନ୍ତି ?

----

## ଇସ୍ପାତ କାରଖାନାରେ ତାଲିକା ପ୍ରଦାନ

563 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ଼ ଜିଲ୍ଲାରେ କେତେଗୋଟି ଇସ୍ପାତ ଉତ୍ପାଦନ କାରଖାନା ରହିଅଛି, ତାର ତାଲିକା ପ୍ରଦାନ କରିବେ କି; ( ସରକାରୀ, ବେସରକାରୀ) କେଉଁ ଶିଳ୍ପାନୁଷ୍ଠାନରୁ ବିଗତ ୫ ବର୍ଷ ମଧ୍ୟରେ କେତେ ଉତ୍ପାଦନ କରାଯାଇ ଅଛି ଓ କେତେ ରପ୍ତାନି କରାଯାଇଅଛି, ତାର ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି ; ଏଥିରୁ ସରକାରଙ୍କୁ କେତେ ଅର୍ଥ ପ୍ରାପ୍ତ ହୋଇଅଛି ବର୍ଷୱାରୀ ଉପସ୍ଥାପନ କରିବେ କି ?

----

## ମୋଟ ଇସ୍ପାତ ଉତ୍ପାଦନ କ୍ଷମତା

564 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବର୍ତ୍ତମାନ ମୋଟ ଇସ୍ପାତ ଉତ୍ପାଦନ କ୍ଷମତା କେତେ ଏବଂ ଜାତୀୟ ସ୍ତରରେ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ସ୍ଥାନ କଣ ଏବଂ ଦେଶର କେତେ ପ୍ରତିଶତ ଇସ୍ପାତ ଓଡ଼ିଶାରେ ଉତ୍ପାଦିତ ହେଉଛି; ରାଜ୍ୟର କେଉଁ କେଉଁ ଇସ୍ପାତ କାରଖାନାରୁ ବର୍ତ୍ତମାନ କେତେ ପରିମାଣର ଇସ୍ପାତ ଉତ୍ପାଦିତ ହେଉଛି ?

----

## ମୋଟ ନଦୀ ସଂଖ୍ୟା

565 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ମୋଟ ବଡ଼, ମଧ୍ୟମ ଓ ଛୋଟ ନଦୀ ସଂଖ୍ୟା କେତେ ଏବଂ ସେ ସବୁର ଦର୍ଘ୍ୟ କେତେ ସେ ସବୁର ନାମ, ଦର୍ଘ୍ୟ ପ୍ରଭାହିତ ଜିଲ୍ଲା ଏବଂ ତନ୍ମଧ୍ୟରୁ କେଉଁ ଗୁଡ଼ିକ କେଉଁଠାରେ ସମୁଦ୍ରରେ ପଡ଼ିଛନ୍ତି; କେଉଁ ଗୁଡ଼ିକ ଅନ୍ୟ କେଉଁ ନଦୀରେ କେଉଁ ସ୍ଥାନରେ ମିଶିଛନ୍ତି ଏହାର ବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ସମୁଦ୍ରରେ ପଡ଼ିଥିବା ନଦୀ ଗୁଡ଼ିକର ଜଳର ବ୍ୟବହାର

566 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସମୁଦ୍ରରେ ପଡ଼ିଥିବା ନଦୀ ଗୁଡ଼ିକର କେତେ ପ୍ରତିଶତ % ଜଳ ସମୁଦ୍ରକୁ ଚାଲିଯାଉଅଛି ଓ କେତେ ପ୍ରତିଶତ % ଜଳକୁ ଅର୍ଥ ନୈତିକ ସାମାଜିକ ବିକାଶ କାର୍ଯ୍ୟରେ କିଭଳି ଭାବରେ ବ୍ୟବହାର କରାଯାଉଅଛି; ଆଗାମୀ ଦିନରେ ଏହି ଅନୁପାତରେ ପରିବର୍ତ୍ତନ ହେବ ବୋଲି ସରକାର ଆଶା ପ୍ରକାଶ କରୁଛନ୍ତି କି; ଉତ୍ତର ହଁ ହୋଇଥିଲେ ସେ ସମ୍ପର୍କିତ ସବିଶେଷ ତଥ୍ୟ ଦେବେ କି ?

----

## ଗୋପାଳପୁର ବନ୍ଦର ହସ୍ତାନ୍ତର

567 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗୋପାଳପୁର ବନ୍ଦର ହସ୍ତାନ୍ତର ଆଦାନୀ ଗୃପକୁ ହୋଇଥିବା ସତ୍ୟ କି ; ଉତ୍ତର ହଁ ହୋଇଥିଲେ ଏହାର ସବିଶେଷ ତଥ୍ୟ ଯଥା ହସ୍ତାନ୍ତର ସର୍ତ୍ତାବଳୀ, କିଣାବିକାର ମୂଲ୍ୟ ଏବଂ ଅନ୍ୟାନ୍ୟ ବିବରଣୀ ତଥା ନୂଆ ମାଲିକାନାରେ ବନ୍ଦର ପ୍ରସ୍ତାବିତ ବିକାଶ ଯୋଜନା ଉପସ୍ଥାପନ କରିବେ କି ?

----

## ସାମ୍ବାଦିକ ମାନଙ୍କୁ ପେନସନ ପ୍ରଦାନ

568 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର ସାମ୍ବାଦିକ ମାନଙ୍କୁ ପେନସନ ଦେବାକୁ ବିଚାର କରୁଛନ୍ତି କି ; ଉତ୍ତର ହଁ ହୋଇଥିଲେ, ଏହା କେବେଠାରୁ କିପରି ଭାବରେ ଲାଗୁ ହେବ ?

----

## ଜିଲ୍ଲା ଯୋଜନା ବୋର୍ଡ଼ ବୈଠକ ସମ୍ପର୍କରେ

569 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଚଳିତ ଆର୍ଥିକ ବର୍ଷରେ କେଉଁ କେଉଁ ଜିଲ୍ଲା ମାନଙ୍କରେ ଅଦ୍ୟାବଧି ଜିଲ୍ଲା ଯୋଜନା ବୋର୍ଡ଼ର Meeting ସବୁ ଅନୁଷ୍ଠିତ ହୋଇ ସାରିଛି ଓ କେଉଁ କେଉଁ ଜିଲ୍ଲା ମାନଙ୍କରେ ହୋଇ ନାହିଁ; ଯେଉଁ ଜିଲ୍ଲା ଗୁଡ଼ିକର Meeting ହୋଇନାହିଁ ତାହାର ତାଲିକା ଦେବା ସହ Meeting ନିର୍ଦ୍ଦିଷ୍ଟ ସମୟରେ ନ ହେବାର କାରଣ କ'ଣ ?

----

## ରାଜସ୍ୱ ଗ୍ରାମ ସଂଖ୍ୟା

570 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶାରେ ବର୍ତ୍ତମାନ କେତୋଟି ରାଜସ୍ୱ ଗ୍ରାମ ଅଛି; ଏହାର ଜିଲ୍ଲାୱାରୀ ତାଲିକା ଦେବା ସହ ପଡ଼ା, ଗ୍ରାମ ଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ସରକାର କିଛି ପଦକ୍ଷେପ ଗ୍ରହଣ କରିଛନ୍ତି କି ; ଯଦି ହଁ ତେବେ ପୁରୀ ଜିଲ୍ଲାରେ ଏଭଳି ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଖାଲି ପଦବୀ ପୂରଣ

571 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶାରେ ସବୁ ଜିଲ୍ଲାରେ District Information & Public Relations Officer ( DIPRO) ଏବଂ Sub - Division ରେ ଅବସ୍ଥାପିତ ଅଛନ୍ତି କି ; ଏହାର ଏକ ତାଲିକା ପ୍ରଦାନ କରିବା ସହ ଖାଲି ପଡ଼ିଥିବା ପଦବୀକୁ କେବେ ସୁଦ୍ଧା ପୂରଣ କରିବେ ?

----

## ବସ୍ ସେବା ପ୍ରଚଳନ

572 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବର୍ତ୍ତମାନ ଓଡ଼ିଶାରେ ପଞ୍ଚାୟତରୁ ବ୍ଲକ ମୁଖ୍ୟାଳୟକୁ LAccMI ବସ ସେବା ଜାରି ରହିଛି, ଯାହା ଏତେଟା ଫଳପ୍ରଦ ହୋଇପାରିନାହିଁ, ଏହି ବସ ସେବାକୁ ଅଧିକ ଉପଯୋଗୀ ତଥା ଲାଭଜନକ କରିବା ପାଇଁ ପଞ୍ଚାୟତରୁ ଜିଲ୍ଲା ମୁଖ୍ୟାଳୟକୁ ଭାୟା - ବ୍ଲକ ମୁଖ୍ୟାଳୟ ବସ ସେବା ଜାରି କରିବା ପାଇଁ ସରକାରଙ୍କର କିଛି ଯୋଜନା ଅଛି କି; ଯଦି ହଁ, ତେବେ କେବେ ସୁଦ୍ଧା ଏହା କାର୍ଯ୍ୟକାରୀ ହେବ ?

----

## ପ୍ରଜ୍ଞାପନ ମେଢ଼ ପାଇଁ ଖର୍ଚ୍ଚ ପରିମାଣ

573 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଗତ ୫ ବର୍ଷ ମଧ୍ୟରେ ଅଗଷ୍ଟ ୧୫, ଜାନୁଆରୀ ୨୬ରେ ଓଡ଼ିଶା ତରଫରୁ ପ୍ରଜ୍ଞାପନ ମେଢ଼ କେତେ ଥର ଦିଲ୍ଲୀରେ ପ୍ରଦର୍ଶିତ ହୋଇଛି; ପ୍ରଜ୍ଞାପନ ମେଢ଼ କେଉଁ ଆଧାରରେ ପ୍ରସ୍ତୁତ କରାଯାଇ ଥାଏ ଓ ଏହାର ନିଷ୍ପତ୍ତି କିଭଳି ହୁଏ ତାହା ଜଣାଇବା ସହ ପ୍ରତ୍ୟେକ ଥର କେତେ ଅର୍ଥ ଖର୍ଚ୍ଚ ହୋଇଛି?

----

574 **Smt. Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:-
:-

----

575 **Smt. Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:-

:-

----

576 **Smt. Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:-
:-

----

## Petanal Development Work

577 **Smt. Sofia Firdous (Barabati-cuttack):**

Will the **Chief Minister** be pleased to state that:-:- (a) Whether the department has taken any steps toward extending the Petanala development work up to Bellview Sluice in the Barabati-Cuttack constituency, and if funds have been sanctioned for this extension, (b) What is the status of coordination with the Housing and Urban Development (H&UD) Department for this project and what is the expected timeline for its completion?

----

## Renewal of license

578 **Smt. Sofia Firdous (Barabati-cuttack):**

Will the Minister for **Steel and Mines** be pleased to state that:-:- (a) The total revenue generated from each mine in Odisha for the last financial year, categorized by mineral type; (b) The current validity status of the licenses for each mine, along with details on license renewals and The number of mining licenses that were renewed in the last financial year and the criteria used for granting renewals ?

----

## ରେଳ ଷ୍ଟେସନର ଆଧୁନିକୀ କରଣ

579 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଟାଙ୍ଗୀ ଅଞ୍ଚଳରେ ବହୁ ସଂଖ୍ୟକ ଶିକ୍ଷାନୁଷ୍ଠାନ କପିଳାସ ରୋଡ଼ (ନିର୍ଗୁଣ୍ଡି) ରେଳ ଷ୍ଟେସନ୍‌ର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ସରକାର କି ପ୍ରସ୍ତାବ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

## ନ୍ୟାୟ ପ୍ରଦାନ ପାଇଁ ବ୍ୟବସ୍ଥା

580 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବିଭିନ୍ନ ବିଭାଗ ସମ୍ପର୍କରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ଖବର ଶିରୋନାମା ଅନ୍‌ଲାଇନ୍ ମାଧ୍ୟମରେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ତୁରନ୍ତ ପ୍ରେରଣ ପାଇଁ ବ୍ୟବସ୍ଥା ପୂର୍ବକ ତାହା ଉପରେ କାର୍ଯ୍ୟାନୁଷ୍ଠାନ ନିମିତ୍ତ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ପ୍ରକାଶ କରି ଏହି କାର୍ଯ୍ୟକ୍ରମ ସମ୍ପାଦନ ପୂର୍ବକ ଗଣମାଧ୍ୟମରୁ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ବ୍ୟବସ୍ଥା କରିବେ କି ?

----

## କ୍ୟାଲେଣ୍ଡର ପ୍ରକାଶନ ସମ୍ପର୍କରେ

581 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୂଆବର୍ଷରେ ସରକାରଙ୍କ ଦ୍ୱାରା ପ୍ରକାଶିତ ଓ ବିକ୍ରୟ ହୋଇଥିବା କ୍ୟାଲେଣ୍ଡର ଓ ଡାଏରୀକୁ ଅନ୍‌ଲାଇନ୍ ମାଧ୍ୟମରେ ପ୍ରକାଶନ କରି ସେଥିରେ ସମୟକୁ ସମୟ ଅଧିକାରୀଙ୍କ ନାମ ସଂଶୋଧନ ପୂର୍ବକ ଅଧୁନାତନ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଓଡ଼ିଆ ଅସ୍ମିତା ପାଇଁ ଅନୁଦାନ

582 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ଜବର ଦଖଲ ହଟାଇବାକୁ ପଦକ୍ଷେପ

583 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜଳସେଚନ ଡିଭିଜନ୍‌ର କେଉଁ ସବଡିଭିଜନ୍‌ର କେଉଁ କେଉଁ ଶାଖା କେନାଲ୍ ଓ ଡିଷ୍ଟ୍ରିବ୍ୟୁଟାରୀ ଗୁଡ଼ିକୁ ଜବରଦଖଲ କରାଯାଇଛି, ତାହାର ବିବରଣୀ ଦର୍ଶାଇ ସେଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ପୋଲାଭରମ ପ୍ରକଳ୍ପର ପ୍ରଭାବ

584 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ନିର୍ମାଣାଧିନ ପୋଲାଭରମ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡ଼ିଶା ଉପରେ ତାର କି କି ପ୍ରଭାବ ପଡ଼ିବ ଆକଳନ କରାଯାଇଛି କି; ଯଦି ହଁ, ଓଡ଼ିଶାର ସ୍ଥାନ ଦୃଷ୍ଟିରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ତରଫରୁ କେଉଁ କେଉଁ ତାରିଖରେ କି କି ପଦକ୍ଷେପମାନ ଗ୍ରହଣ କରାଯାଇଛି ?

----

## ଅନ୍ଦୋଳନ ପରିସମାପ୍ତି ନିମନ୍ତେ ପଦକ୍ଷେପ

585 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ହାଇୱା ଓ ଟିପର୍ସ ସଂଘ ତରଫରୁ ସରକାରଙ୍କ ତରଫରୁ ଧାର୍ଯ୍ୟ ହୋଇଥିବା ନୂତନ ଟିକସ/ଜୋରିମାନା ଆଦାୟ ପ୍ରତିବାଦରେ ବିଭିନ୍ନ ଜିଲ୍ଲାମାନଙ୍କରେ ଗଣଧାରଣା ଆନ୍ଦୋଳନ ଚାଲୁରହିଥିବା ସତ୍ୟ କି; ଯଦି ହଁ ତେବେ ଆନ୍ଦୋଳନ ପରି ସମାପ୍ତି ନିମନ୍ତେ କି କି ପଦକ୍ଷେପମାନ ନିଆଯାଇଅଛି ?

----

## ରାଜସ୍ୱ ଗ୍ରାମ ଘୋଷଣା

586 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ବର୍ଷ ଡ଼ିସେମ୍ବର ସୁଦ୍ଧା ନୂତନ ରାଜସ୍ୱ ଗ୍ରାମ ଚୂଡ଼ାନ୍ତ ହେବ ବୋଲି ସରକାର ଗଣମାଧ୍ୟମରେ ଘୋଷଣା କରିଥିବା ସତ୍ୟ କି; ଯଦି ହଁ, ତେବେ କେଉଁ କେଉଁ ଜିଲ୍ଲାର କେଉଁ କେଉଁ ତହସିଲର କେଉଁ କେଉଁ ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯିବ ତାର ଏକ ତହସିଲ ୱାରି ବିବରଣୀ ଦେବେ କି ?

----

## ନକ୍ସା ସଂଶୋଧନ

587 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦ୍ରାପଡ଼ା ତହସିଲ ଅର୍ନ୍ତଗତ ନିକିରାଇ ମୌଜାର ନକ୍ସା ସଂଶୋଧନ ପାଇଁ ପୁନର୍ବାର ସର୍ଭେ କରିବାକୁ ନିକିରାଇ ମୌଜାର ଅଧିବାସୀମାନଙ୍କ ତରଫରୁ ସରକାରଙ୍କୁ ପ୍ରଦାନ କରାଯାଇଥିବା ଆବେଦନ ଉପରେ ସରକାର କି କି ପଦକ୍ଷେପଗ୍ରହଣ କରିଛନ୍ତି ?

----

## ଗୋବରୀ ନଦୀର ପୁନରୁଦ୍ଧାର

588 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବାହିତ ଗୋବରୀ ନଦୀର ପୁନରୁଦ୍ଧାର ନିମନ୍ତେ ସରକାର ୨୦୧୯-୨୦ ଠାରୁ ଚଳିତ ବର୍ଷ ଅକ୍ଟୋବର ୩୧ ସୁଦ୍ଧା କେତେ କେତେ ଅର୍ଥରାଶି ମଞ୍ଜୁର କରିଅଛନ୍ତି ତାର ଏକ ବର୍ଷୱାରୀ ବିବରଣୀ ସହ ପୁନରୁଦ୍ଧାର କାର୍ଯ୍ୟ କଣ କଣ କରାଯାଇଛି; (ଖ) ଗୋବରୀ ନଦୀର ପୁନରୁଦ୍ଧାର କାର୍ଯ୍ୟ କେଉଁ କେଉଁ ସଂସ୍ଥାକୁ ଦିଆଯାଇଛି ?

----

## ବିଭିନ୍ନ ଯୋଜନା ସମ୍ପର୍କରେ

589 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः-ः- ରାଜ୍ୟରେ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ କେଉଁ କେଉଁ ସରକାରି ଯୋଜନା କାର୍ଯ୍ୟକାରୀ କରାଯାଉଛି; କେଉଁ ଯୋଜନାରେ କେଉଁ ବର୍ଗର କେତେ ହିତାଧିକାରୀ ଉପକୃତ ହେଉଛନ୍ତି ?

----

## ବିଜ୍ଞାପନ ବାବଦକୁ ହେଉଥିବା ବ୍ୟୟ

590 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः-ः- ମାର୍ଚ୍ଚ ୨୦୨୪ ଠାରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ବିଜ୍ଞାପନ ବାବଦକୁ କେଉଁ କେଉଁ ଗଣମାଧ୍ୟମକୁ କେତେ ଅର୍ଥ ପ୍ରଦାନ କରିଛନ୍ତି?

----

## ସଡ଼କ ଦୁର୍ଘଟଣା ରୋକିବାକୁ ପଦକ୍ଷେପ

591 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ଜାତୀୟ ହାର ଠାରୁ ଓଡ଼ିଶାରେ ଉଦବେଗ ଜନକ ରହିଥିବା ଘଟଣା ସତ୍ୟ କି; ରାଜ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ହାର ବଢିବା ପଛରେ କାରଣ କଣ; ଏହି ଦିଗରେ ବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଲଘୁ ଖଣିଜ ପଦାର୍ଥରୁ ଆୟ ଅର୍ଥ ପରିମାଣ

592 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ଲଘୁ ଖଣିଜ ସମ୍ପଦ ବାବଦରେ କେତେ ପରିମାଣର ଅର୍ଥ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି, ଏହାର ଜିଲ୍ଲାୱାରି ଓ ବର୍ଷୱାରି ତଥ୍ୟ ପ୍ରଦାନ କରିବେ କି ?

----

## UGPL ଦ୍ୱାରା ଚାଷୀଙ୍କୁ ଜଳ ଯୋଗାଣ

593 **ଶ୍ରୀ ଅଗସ୍ତି ବେହେରା (ଛେଣ୍ଡିପଦା ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः-ः- (କ) ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ ପ୍ରକଳ୍ପ କେଉଁ କେଉଁ ଅଞ୍ଚଳ ଦେଇ ଯାଇଛି, ଏଥିରେ କେତେ ପରିମିତ ଅଞ୍ଚଳ ଜଳସେଚିତ ହୋଇ କେତେ ଚାଷୀ ଉପକୃତ ହେବେ ଏବଂ ଏଥିପାଇଁ ସରକାର କେତେ ଅର୍ଥ ପ୍ରଦାନ କରିଛନ୍ତି ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି, ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଆଉ କେତେ ଦିନ ସମୟର ଆବଶ୍ୟକତା ରହିଛି ଓ ଏହାର ବର୍ତ୍ତମାନର ସ୍ଥିତ କଣ ଜଣାଇବେ କି, (ଖ) UGPL ଦ୍ୱାରା ଚାଷୀ କେବେସୁଦ୍ଧା ଜଳ ପାଇବେ ଏବଂ ଏହା ବିଳମ୍ବ ପାଇଁ କି ସମସ୍ୟା ଦେଖାଦେଇଛି ତାହା କେବେ ସମାଧାନ ହେବ ?

----

## ଜାତି ପ୍ରମାଣପତ୍ର ଦେବା ସମ୍ପର୍କରେ

594 **ଶ୍ରୀ ଅଗସ୍ତି ବେହେରା (ଛେଣ୍ଡିପଦା ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) Sub Caste 'Paiko' ପାଇକକୁ OBC/SEBC ବର୍ଗର ଜାତିଗତ ପ୍ରମାଣପତ୍ର ମିଳୁଥିବାବେଳେ କଟକ ଜିଲ୍ଲାର ବଡମ୍ବା ତହସିଲରେ ଏଥିରେ ବ୍ୟତିକ୍ରମ ହେବାର କାରଣ କଣ, (ଖ) କେଉଁ Sub Caste କୁ କେଉଁ ଜାତିର ପ୍ରମାଣପତ୍ର ମିଳୁଅଛି ତାହାର ଇଂରାଜୀ ଓ ଓଡିଆ ଭାଷାରେ ଜାତିର ନାମକୁ ଉଲ୍ଲେଖ କରିବେ କି ଏବଂ ଏହି ଜାତିଗତ ପ୍ରମାଣପତ୍ର ଆବେଦନର କେତେ ଦିନ ମଧ୍ୟରେ ଦିଆଯାଇଥାଏ ତାହା ଉଲ୍ଲେଖ କରିବେ କି ଏବଂ ଶିକ୍ଷାକ୍ଷେତ୍ରରେ ଏହି Caste Certificate କ୍ଷେତ୍ରରେ କୋହଳ କରିବା ପାଇଁ ପଦକ୍ଷେପ ନେବେ କି ?

----

## DMF କମିଟି ଗଠନ

595 **ଶ୍ରୀ ଅଗସ୍ତି ବେହେରା (ଛେଣ୍ଡିପଦା ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- District Mineral Foundation (DMF) Angul ଜିଲ୍ଲା ପାଇଁ କମିଟି କେବେ Formation କରାଯିବ, ଏହା କେବେଠାରୁ ସରିଛି ତାର ବିବରଣୀ ଦେବା ସହ ଏହି କମିଟି ପାଇଁ ନିୟମାବଳୀ ସବୁ କଣ ରହିଛି ତାର ଏକ ବିବରଣୀ ଉପସ୍ଥାପନା କରିବେ କି ?

----

## ଜମି ବିକ୍ରୀ ପାଇଁ ଅନୁମତି

596 **ଶ୍ରୀ ଅଗସ୍ତି ବେହେରା (ଛେଣ୍ଡିପଦା ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନୁଗୁଳ ଜିଲ୍ଲାର କେଉଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ 2 ବର୍ଷ ମଧ୍ୟରେ କେତେଜଣ ST/SC ଲୋକ କେଉଁ ତହସିଲ ଅଧିନରେ ନିଜର ଜମି ବିକ୍ରି କରିବା ପାଇଁ ଅନୁମତି ମାଗିଥିଲେ, ତନ୍ମଧ୍ୟରୁ କେଉଁମାନଙ୍କୁ ଜମି ବିକ୍ରିର ଅନୁମତି ମିଳିଛି ତାର ଏକ ବ୍ୟକ୍ତି ବିଶେଷଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା ସହ ଜମିର ପରିମାଣ ଓ କେଉଁ କାରଣ ପାଇଁ ବିକ୍ରି କରିବାକୁ ଚାହୁଁଛନ୍ତି?

----

## ଚେକ୍ ଡ୍ୟାମ୍ ନିର୍ମାଣ

597 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବେଗୁନିଆ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବିଗତ 5 ବର୍ଷରେ କେତେ ଜଳାଶୟ, ଚେକଡ୍ୟାମ୍ ନିର୍ମାଣ କରାଯାଇଛି, ସେଥିରେ କେତେ ନିର୍ମାଣ ସରିଛି ଓ ଅସମ୍ପୂର୍ଣ୍ଣ କାର୍ଯ୍ୟ କେବେସୁଦ୍ଧା ପୂର୍ଣ୍ଣାଙ୍ଗ ହେବ ତାହାର ଏକ ସବିଶେଷ ବିବରଣୀ ଦେବେ କି, ସରକାରଙ୍କ ନିକଟରେ ନୂତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (MIP) ନିର୍ମାଣ କରିବା ପାଇଁ କିଛି ଯୋଜନା ଅଛି କି ?

----

## ପାର୍କିଂ ପାଇଁ ବ୍ୟବସ୍ଥା

598 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ବୃହତ୍ ଜଳ ପ୍ରକଳ୍ପ ନିର୍ମାଣ

599 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଭୌଗଳିକ ଦୃଷ୍ଟିକୋଣରୁ ବେଗୁନିଆ/ବୋଲଗଡ ଅଞ୍ଚଳ ଶୁଷ୍କ ଅଞ୍ଚଳ ଭାବେ ପରିଚିତ, ବର୍ଷା ଜଳ ବ୍ୟତିତ ଏଠାରେ ପାଣିର ଘୋର ଅଭାବ ପରିଲକ୍ଷିତ ହୁଏ, ଏପରିସ୍ଥଳେ ସରକାର ବୃହତ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ବିଧିବଦ୍ଧ ଭାବେ କଣ ପଦକ୍ଷେପ ଗ୍ରହଣ କରିଛନ୍ତି, ନିର୍ମାଣାଧିନ କୌଣସି ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ କୌଣସି ତଥ୍ୟ ଅଛି କି ?

----

## ଜମି ପଟ୍ଟା ପ୍ରଦାନ

600 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବେଗୁନିଆ ନିର୍ବାଚନ ମଣ୍ଡଳୀ ଅଧିନ ବେଗୁନିଆ, ବୋଲଗଡ ବ୍ଲକରେ କେତେଜଣ ବ୍ୟକ୍ତି ଭୂମିହୀନ ଚିହ୍ନଟ ହୋଇଛନ୍ତି, ସେମାନଙ୍କ ଭିତରୁ କେତେଜଣଙ୍କୁ ସରକାରୀ ଜମି ପଟ୍ଟା ବଣ୍ଟାଯାଇଅଛି, ଅବଶିଷ୍ଟ କେତେଜଣ ବ୍ୟକ୍ତି ଜମି ପଟ୍ଟା ପାଇବା ପାଇଁ ଅପେକ୍ଷାରେ ଅଛନ୍ତି, ଏମାନଙ୍କୁ କେବେସୁଦ୍ଧା ସରକାର ଜମି ପଟ୍ଟା ଦେବାକୁ ସ୍ଥିର କରିଛନ୍ତି, ଏହାର ଏକ ତାଲିକା ବ୍ଲକଓ୍ୱାରୀ ପ୍ରଦାନ କରିବେ କି ?

----

## ଲକ୍ଷ୍ମୀ ବସର ବିବରଣୀ ପ୍ରଦାନ

601 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ବର୍ତ୍ତମାନ କେତୋଟି ଲକ୍ଷ୍ମୀ ବସ ଚାଲୁଛି, ସେଥିମଧ୍ୟରୁ କେତେ ଲକ୍ଷ୍ମୀ ବସ ଚଳାଚଳ ବର୍ତ୍ତମାନ ବନ୍ଦ ରହିଛି, ଭଦ୍ରକ ଜିଲ୍ଲାରେ କେତେ ଲକ୍ଷ୍ମୀ ବସ ବର୍ତ୍ତମାନ ଚାଲୁଛି ଏବଂ କେତେ ଲକ୍ଷ୍ମୀ ବସ ବର୍ତ୍ତମାନ ବନ୍ଦ ଅଛି ତାର ସବିଶେଷ ତଥ୍ୟ ଦେବେ କି ?

----

## କ୍ଷୟକ୍ଷତି ଆକଳନ ଏବଂ କ୍ଷତି ପୂରଣ ପ୍ରଦାନ

602 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଚଳିତ ବର୍ଷ ଦାନା ବାତ୍ୟାରେ କେତେ କ୍ଷୟକ୍ଷତି ହୋଇଛି, ଉକ୍ତ କ୍ଷୟକ୍ଷତି ପାଇଁ କେନ୍ଦ୍ର ସରକାର କେତେ ଅନୁଦାନ ଦେଇଛନ୍ତି, ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ କେତ କ୍ଷୟକ୍ଷତି ହୋଇଛି, କେତେ ଘର ଭାଙ୍ଗି ଯାଇଛି, ଯେଉଁ ବ୍ୟକ୍ତିମାନଙ୍କର ଘର ଭାଙ୍ଗି ଯାଇଛି ସେମାନଙ୍କୁ ନୂଆ ଘର ଦେବା ପାଇଁ ସରକାର କି ବ୍ୟବସ୍ଥା କରୁଛନ୍ତି ?

----

## ଅର୍ଥ ଖର୍ଚ୍ଚ ନ ହେବାର କାରଣ

603 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

----

## ଖଣି ଉତ୍ତୋଳନ ପରିମାଣ

604 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ବର୍ତ୍ତମାନ କେତୋଟି ଖଣିକୁ ଲିଜରେ ଦିଆଯାଇଛି, ସେଥିମଧ୍ୟରୁ କେତୋଟି ଖଣିରୁ ଉତ୍ତୋଳନ ଚାଲୁ ରହିଛି ଏବଂ ଉକ୍ତ ଖଣିରୁ କେତେ ପରିମାଣର କି କି ଖଣିଜ ଦ୍ରବ୍ୟ ଉତ୍ତୋଳନ ହେଉଛି ?

----

## ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି ପାଇଁ ପଦକ୍ଷେପ

605 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କୁ ସରକାର Health Insurance (ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ) ଆର୍ଥିକ ରାଶି 10 ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସହ 60 ବର୍ଷ ପରେ ସେମାନଙ୍କୁ Pension ବ୍ୟବସ୍ଥା କରିବା ପାଇଁ ଓ ଭୂମିହୀନ ସାମ୍ବାଦିକମାନଙ୍କ ପାଇଁ ମାଗଣାରେ ଜମି ଯୋଗାଇବା ପାଇଁ ବ୍ୟବସ୍ଥା କରିବେ କି ?

----

## ରେଳ ଷ୍ଟେସନର ଆଧୁନିକୀକରଣ

606 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ନୂତନ ଭାବେ ଚଳିତ ଆର୍ଥିକ ବର୍ଷରେ କେଉଁ କେଉଁ ସ୍ଥାନରେ ନୂତନ ଟ୍ରେନ୍ ଲାଇନ୍ ବିଛାଇବା ପାଇଁ ଯୋଜନା ଅଛି, କେତୋଟି ନୂତନ ଲାଇନ୍ କେତେ କି.ମି. ଲାଇନ୍ ବିଛାଇବା କାମ ଚାଲୁଅଛି ତାର ଉତ୍ତର ଦେବା ସହ ଆଉ କେତୋଟି ବନ୍ଦେ ଭାରତ ଟ୍ରେନ୍ ଚାଲିବାର ଅଛି ଓ କେଉଁ କେଉଁ ରେଳ ଷ୍ଟେସନର ଆଧୁନିକୀକରଣ କରିବା ପାଇଁ ପ୍ରସ୍ତାବ ଅଛି ?

----

## ରପ୍ତାନୀ ପରିମାଣ

607 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର କେଉଁ କେଉଁ ବନ୍ଦରକୁ କେଉଁ କେଉଁ ଶିଳ୍ପପତିଙ୍କ ହାତକୁ ଟେକି ଦେବା ପାଇଁ ଆଗାମୀ ଦିନରେ ଯୋଜନା କରିଛନ୍ତି ଉତ୍ତର ଦେବା ସହ ଆଦାନୀ ନେଇଥିବା ବନ୍ଦରରୁ ଓଡିଶାକୁ କେତେ ରାଜସ୍ୱ ଅଧିକ ଆସିବ ଓ କେତେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଉତ୍ତର ଦେବେ କି, ରାଜ୍ୟର କେଉଁ କେଉଁ ଖଣିଜ ପଦାର୍ଥ କେଉଁସବୁ ବନ୍ଦର ଦେଇ ରପ୍ତାନି ହୁଏ ବାର୍ଷିକ କେତେ ଟନ୍ ରପ୍ତାନି କେଉଁ ଦେଶକୁ ଅଧିକ ହୋଇଥାଏ ?

----

## ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଉନ୍ନତିକରଣ

608 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ଓ ଆଦିବାସୀ ଅଧ୍ୟୁଷିତ 4ଟି ବ୍ଲକର ଲୋକମାନଙ୍କର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେଉଁ କେଉଁ ଯୋଜନା କାର୍ଯ୍ୟକାରୀ ହେଉଛି ଓ ସେ ବାବଦକୁ (କେଉଁ କେଉଁ) ଯୋଜନା ବାବଦକୁ ଗତ 5 ବର୍ଷ ଭିତରେ (2019-24) କେତେ ଅର୍ଥ ଆସିଛି କେଉଁ କେଉଁ ବର୍ଷ କେତେ ଆସିଛି ଓ କି କି କାମ ହୋଇଛି ଲୋକମାନଙ୍କର କେତେ ବିକାଶ ହୋଇଛି ?

----

## ବସ ଚଳାଚଳ ପାଇଁ ବ୍ୟବସ୍ଥା

609 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ବସଷ୍ଟାଣ୍ଡ ଗୁଡିକରେ ଓ ବସ stoppage ମାନଙ୍କରେ ଯାତ୍ରୀ ବିଶ୍ରାମାଗାର, ପିଇବା ପାଣି ସୁବିଧା ଓ toilet ର ବ୍ୟବସ୍ଥା ସହ ରାଜଧାନୀରୁ ନିର୍ବାଚନ ମଣ୍ଡଳୀର ସବୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ OSRTC ବସ ଚଳାଇବା ପାଇଁ ବ୍ୟବସ୍ଥା କରିବେ କି ?

----

## ରପ୍ତାନୀ ପରିମାଣ

610 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## NGO କୁ ଜମି ପ୍ରଦାନ

611 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ କେତୋଟି NGO କେଉଁ କେଉଁ field ରେ କାମ କରୁଛନ୍ତି ଓ ସେମାନଙ୍କର performance ଆଧାରରେ କେତେ ସରକାରୀ ଅନୁଦାନ କେଉଁ NGO ମାନେ ପାଉଛନ୍ତି ?

----

## Press Club ପାଇଁ ପ୍ରୋତ୍ସାହନ

612 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର ସାମ୍ବାଦିକମାନଙ୍କ ପାଇଁ ପ୍ରତି ବ୍ଲକରେ press club କରିବା ପାଇଁ ଆର୍ଥିକ ପ୍ରୋତ୍ସାହନ ଦେବେ କି, ଯେଉଁ ଖବରକାଗଜ ଦୀର୍ଘ ବର୍ଷ ଧରି । & PR approval ପାଇନାହିଁ ସେଗୁଡ଼ିକୁ approval ଦେବା ପାଇଁ ବ୍ୟବସ୍ଥା କରିବେ କି ?

----

## ମରୁଡ଼ି ପ୍ରଭାବିତ ଅଞ୍ଚଳରେ ଅନ୍ତର୍ଭୁକ୍ତ ବ୍ଲକ

613 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ ବ୍ଲକ ଗୁଡ଼ିକ ମରୁଡ଼ି ପ୍ରଭାବିତ ଅଞ୍ଚଳରେ ଅନ୍ତର୍ଭୁକ୍ତ କରାଯାଇଛି, ଏହା କେଉଁ ଆଧାରରେ କରାଯାଇଛି, ମରୁଡ଼ି ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ କେଉଁ ପ୍ରକ୍ରିୟାରେ କ୍ଷତି ଆକଳନ କରାଯାଉଛି ଏବଂ କେଉଁ ବ୍ଲକରେ କେତେ କ୍ଷତି ହୋଇଛି, ଏହି ଅଞ୍ଚଳମାନଙ୍କ ପାଇଁ ରାଜ୍ୟ ସରକାର କଣସବୁ କ୍ଷତି ପୂରଣ ଦେବ ତାହା ଜଣାଇବେ କି ?

----

## ଜୋରିମାନା ବାବଦ ଆଦାୟ ରାଜସ୍ୱର ବିବରଣୀ

614 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାୟଗଡ଼ା ନିର୍ବାଚନ ମଣ୍ଡଳୀରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଗତ ୫ ବର୍ଷରେ ଗାଡି ପଞ୍ଜିକରଣ, ଡ୍ରାଇଭିଙ୍ଗ ଲାଇସେନ୍ସ, ଓଭରଲୋଡ଼ିଙ୍ଗ ଅନ୍ୟ କେଉଁ ନିୟମ ଉଲ୍ଲଙ୍ଘନ ନିମନ୍ତେ କେତେ ଜୋରିମାନା ଆଜକୁ ମିଶାଇ କେତେ ରାଜସ୍ୱ ଆଦାୟ ହୋଇଛି ?

----

## ଗାଡ଼ିର ଫିଟନେସ ଯାଞ୍ଚ ପାଇଁ ଥିବା ବ୍ୟବସ୍ଥା

615 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ପ୍ରକାର କେତେ ସଂଖ୍ୟକ ଗାଡ଼ି ରହିଛି, ସେଥିରୁ କେଉଁ ପ୍ରକାରର କେତେ ସଂଖ୍ୟକ ଅନଫିଟନେସ ଗାଡ଼ି ଚଳାଚଳ କରୁଛି, ଫିଟନେସ ଯାଞ୍ଚ କରିବା ପାଇଁ କି ବ୍ୟବସ୍ଥା ରହିଛି, ଗୋଟିଏ ଗାଡ଼ିର ବିଭିନ୍ନ ଅଂଶକୁ ଯାଞ୍ଚ କରି କେଉଁ କେଉଁ ଅଂଶ ଅନଫିଟନେସ ତାହା ଜାଣିବା ପାଇଁ କେତେ ସମୟ ଲାଗିଥାଏ, ସମ୍ପୃକ୍ତ ବ୍ୟବସ୍ଥା ପରିପ୍ରେକ୍ଷୀରେ ଯାଞ୍ଚ ବ୍ୟବସ୍ଥା ନିମନ୍ତେ କେତେ ଜଣ ନିରୀକ୍ଷକଙ୍କ ଦ୍ୱାରା ଦୈନିକ କେତେ ସଂଖ୍ୟକ ଗାଡ଼ିକୁ ଯାଞ୍ଚ କରାଇଥାଏ, ତାର ସବିଶେଷ ବିବରଣୀ ପ୍ରଦାନ କରିବାସହ ଆଟୋମେଟିକ ମେସିନ ଦ୍ୱାରା ଯାଞ୍ଚ ନିମନ୍ତେ କି ପଦକ୍ଷେପ କେବେ ସୁଦ୍ଧା ଗ୍ରହଣ କରାଯାଇଛି ଏବଂ ଅନଫିଟେନସ ଗାଡ଼ିକୁ ଫିଟନେସ ଦେବା ପାଇଁ ଗ୍ରୀନ ଟିକସ ବାବଦକୁ କେତେ ଅର୍ଥ ଆଦାୟ କରାଯିବ ଓ ଏହି ଅର୍ଥକୁ କିଭଳି କେଉଁ ପ୍ରକ୍ରିୟାରେ ତଥା କେଉଁ କ୍ଷେତ୍ରରେ ବିନିଯୋଗ କରାଯିବ ତାର ରୂପରେଖ କଣ ?

----

## ରାୟଗଡ଼ାରେ ଥିବା ଘରହୀନ ଓ ଭୂମିହୀନ ପରିବାରଙ୍କ ସଂଖ୍ୟା

616 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାୟଗଡ଼ା ନିର୍ବାଚନ ମଣ୍ଡଳୀର ତହସିଲ ଅଧୀନରେ କେତେ ଘରହୀନ ଓ ଭୂମିହୀନ ପରିବାର ଚିହ୍ନଟ କରାଯାଇଛି, ବିଗତ ତିନି ବର୍ଷରେ କେତେ ଜଣଙ୍କୁ ଘର ପଟ୍ଟା ପ୍ରଦାନ କରାଯାଇଛି ଓ ଅବଶିଷ୍ଟ ଭୂମିହୀନ ପରିବାରକୁ ଘର ପଟ୍ଟା ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି; ସରକାର ରାୟଗଡ଼ା ନିର୍ବାଚନ ମଣ୍ଡଳୀର କେତେ ଭୂମିହୀନଙ୍କୁ ଘର ଯୋଗାଣ ପାଇଁ ଚିହ୍ନଟ କରାଯାଇଛି ?

----

## ଲକ୍ଷ୍ମୀ ବସ ସମ୍ପର୍କରେ

617 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଚାଲୁଥିବା ଲକ୍ଷ୍ମୀ (IAXMI) ବସ ଗୁଡିକ ରାଜ୍ୟ ସରକାର କିଣିଛନ୍ତି କି, ଲକ୍ଷ୍ମୀ (IAXMI) ବସ ଗୁଡିକର ମିଲିକ କିଏ, କେତୋଟି ଲକ୍ଷ୍ମୀ (IAXMI) ବସ କେତେ ଟଙ୍କାରେ କିଣାଯାଇଛି ଓ ତାର ପରିଚାଳନା କିଏ ଓ କିପରି କରୁଛନ୍ତି ?

----

## ନକ୍ସା ଓ ପଟ୍ଟା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ

618 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଗତସିଂହପୁର ଜିଲ୍ଲା ବାଲିକୁଦା ତହସିଲ ଅନ୍ତର୍ଗତ ନାଗପୁର ରାଜସ୍ୱ ଗ୍ରାମରେ ଚକବନ୍ଦି ଦ୍ୱାରା ୧୯୯୯ ମସିହା ସୁଦ୍ଧା ପ୍ରସ୍ତୁତ ପଟ୍ଟା ଓ ନକ୍ସା କାର୍ଯ୍ୟକାରୀ ନହେବାର କାରଣ କଣ ଏବଂ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ଚକବନ୍ଦୀ କରାଯାଇ ଜମି ସମସ୍ୟା ସମାଧାନ ପାଇଁ ପଦକ୍ଷେପ

619 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ କେଉଁ କେଉଁ ରାଜସ୍ୱ ଗ୍ରାମ ଚକବନ୍ଦୀ ଦ୍ୱାରା ଫଇସଲା ହୋଇଅଛି ଏବଂ କେତେଗ୍ରାମ ଫଇସଲା ହୋଇନାହିଁ, ତାହାର ଏକ ପଞ୍ଚାୟତୱାରୀ ତାଲିକା ପ୍ରଦାନ କରିବା ସହିତ ଯେଉଁ ଗ୍ରାମ ଗୁଡିକ ଚକବନ୍ଦୀ ଫଇସଲା ହୋଇନାହିଁ ତାହା କରିବା ପାଇଁ ପଦକ୍ଷେପ ନେବେ କି ?

----

## ପୋଲାଭରମ ପ୍ରକଳ୍ପର ଇତି ନକ୍ସା ସମ୍ପର୍କରେ

620 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) ପଡୋଶୀ ରାଜ୍ୟ ଦ୍ୱାରା ନିର୍ମାଣ ହେଉଥିବା "ପୋଲାଭରମ" ପ୍ରକଳ୍ପର ଇତି ନକ୍ସା ପରିବର୍ତ୍ତନ ହୋଇଥିବା ସରକାର ଜାଣନ୍ତି କି, ଯଦି ହଁ, ତାହେଲେ ଏହା ଦ୍ୱାରା ଆମର ରାଜ୍ୟ କେତେ ଅଞ୍ଚଳର ଜନ, ଜୀବନ, ଜଙ୍ଗଲ, ଜନ୍ତୁ ସହ ପରିବେଶ ପ୍ରଭାବିତ ହେବ ତାର ଆକଳନ କରାଯାଇଛି କି, ଯଦି ହଁ, ତାହେଲେ ବିବରଣୀ ଦେବେ କି, ଯଦି ନାଁ, ତାହେଲେ କ୍ଷୟକ୍ଷତି ଆକଳନ ପାଇଁ ପୁନଶ୍ଚ ସର୍ଭେ କରିବେ କି, (ଖ) ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ବେଳେ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ କଣ ପଦକ୍ଷେପ ନେଇଛନ୍ତି ଜଣାଇବେ କି ?

----

## ମହାନଦୀ ଜଳବିବାଦର ସମାଧାନ

621 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ମହାନଦୀ ଜଳ ବିବଦାର ସମାଧାନ ସହ ରାଜ୍ୟବାସୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କର ଦିଲ୍ଲୀ ଗ୍ରସ୍ତ ବେ୍ଳେ ଏ ବିଷୟ କେନ୍ଦ୍ର ସରକାରର ଜଳ ସମ୍ପଦ ମନ୍ତ୍ରୀ ମାନ୍ୟବର ପ୍ରଧାନମନ୍ତ୍ରୀ ଓ ଅନ୍ୟାନ୍ୟ କେନ୍ଦ୍ର ସରକାରଙ୍କ ସଙ୍ଗଠନ, ପଡୋଶୀ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି କି, ଲିଖିତ ଦାବୀ ଉପସ୍ଥାପନ କରିଛନ୍ତି କି ?

----

## ଯାଜପୁର ଜିଲ୍ଲାରେ ଥିବା ଜଳସେଚନ ପ୍ରକଳ୍ପ

622 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) ଯାଜପୁର ଜିଲ୍ଲାରେ ବିଗତ 5ଟି ଆର୍ଥିକ ବର୍ଷରେ କେତୋଟି ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଛି, ସେହି ପ୍ରକଳ୍ପ ଗୁଡିକରେ କେତେ ପରିମିତ ଜମି ଜଳସେଚିତ ହେଉଛି ଅଥବା ଭବିଷ୍ୟତରେ ଜଳସେଚିତ ହେବ, ତାହର ତଥ୍ୟ ପ୍ରକଳ୍ପୱାରୀ ଓ ବ୍ଲକୱାରୀ ପ୍ରଦାନ କରିବେ କି; (ଖ) ଯାଜପୁର ଜିଲ୍ଲାରେ ଗତ 5ଟି ଆର୍ଥିକ ବର୍ଷରେ ଯେତେସବୁ ନୂତନ ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଛି, ପ୍ରକଳ୍ପୱାରୀ ବ୍ୟୟ ଅଟକଳ ଓ ନିର୍ମାଣକାରୀ ସଂସ୍ଥାର ସମସ୍ତ ବିବରଣୀ ଦେବେ କି ?

----

## Laxmi ବସ ସେବାର ପରିଚାଳନା

623 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା)ଃ**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) LAXMI ବସ ସେବାର ଆରମ୍ଭରୁ ଏଯାଏଁ, ଏହାର ପରିଚାଳନା ଓ ରକ୍ଷାଣାବେକ୍ଷଣ ଦାୟିତ୍ୱ କେଉଁ ସଂସ୍ଥା ହାତରେ ରହି ଆସିଛି; ବସର ଡ୍ରାଇଭର ଓ କଣ୍ଡକ୍ଟର ନିଯୁକ୍ତିର ପ୍ରକ୍ରିୟା ଓ କେଉଁ ସଂସ୍ଥା ଦ୍ୱାରା ସଂପାଦିତ ହେଉଛି, LAXMI ବସ ସେବା ଆରମ୍ଭରୁ 12-11-2024 ପର୍ଯ୍ୟନ୍ତ କେତୋଟି ବସ ଚଳାଚଳ କରୁଛି, ଏସବୁର ଆୟ, ବ୍ୟୟ ଓ ଲାଭ-କ୍ଷତିର ସବିଶେଷ ତଥ୍ୟ ଦେବେ କି ; (ଖ)ପଞ୍ଚାୟତ, ବ୍ଲକ ଏବଂ ସହରାଞ୍ଚଳରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ କେଉଁ ଯୋଜନା ଅନୁସାରେ କେତେ ଅର୍ଥର ବ୍ୟବସ୍ଥା କରାଯାଉଛି ; ବସ ରୁଟ୍ ପରିବର୍ତ୍ତନ ବା ପରିବର୍ଦ୍ଧିତ କରିବା ନିମନ୍ତେ କେଉଁ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି ?

----

## ଖବରକାଗଜକୁ ବିଜ୍ଞାପନ ପ୍ରଦାନର ପଦ୍ଧତି

624 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ସ୍ୱିକୃତିପ୍ରାପ୍ତ ଖବର କାଗଜକୁ ସରକାରୀ ବିଜ୍ଞାପନ ପ୍ରଦାନର ପଦ୍ଧତି କଣ ; କେଉଁ ଖବର କାଗଜ ସଂସ୍ଥାକୁ କେଉଁ ସବୁ ସରକାରୀ ବିଜ୍ଞାପନ ଦିଆଯିବ ସେହି ନିଷ୍ପତ୍ତି ସୂଚନା ଓ ଲୋକସଂପର୍କ ବିଭାଗ ନେଉଛି, ନା' ଅନ୍ୟ କୌଣସି Agency ଦ୍ୱାରା ସ୍ଥିର ହେଉଛି; (ଖ) ଯଦି ସରକାରୀ ବିଜ୍ଞାପନ ପ୍ରଦାନର ନିଷ୍ପତ୍ତି କୌଣସି ଘରୋଇ Agency ନେଉଛି, ସେହି Agencyର ନାମ ଓ ସରକାରଙ୍କ ସହ ହୋଇଥିବା ଚୁକ୍ତିନାମାର ତଥ୍ୟ ସହ ଏଥିପାଇଁ ସେହି Agencyକୁ ସରକାରଙ୍କୁ ବାର୍ଷିକ କେତେ ଟଙ୍କା ଦେବାକୁ ପଡୁଛି ?

----

## MLA LAND FUND ର ଅର୍ଥରାଶି ବୃଦ୍ଧି

625 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ତାରକା ପ୍ରଶ୍ନ ୪୧୮ର ୨୯ .୦୮ ୨୦୨୪ ରେ ପ୍ରଦତ୍ତ ଉତ୍ତର ଆଧାରରେ, ପଡ଼ୋଶୀ ତେଲେଙ୍ଗାନା, ଛତିଶଗଡ଼ ଓ ଝାରଖଣ୍ଡରେ ବିଧାୟକ ଉନ୍ନୟନ ପାଣ୍ଠି ( MLA LAND FUND) ର ଅର୍ଥରାଶି ଯଥାକ୍ରମେ ୫ କୋଟି , ୪ କୋଟି ଏବଂ ୪ କୋଟି ରହିଛି, କିନ୍ତୁ ଓଡ଼ିଶାରେ ୨୦୨୦ ୨୧ ଆର୍ଥିକ ବର୍ଷରୁ MLA LAND FUND ର ଅର୍ଥରାଶି ୩ କୋଟିରେ ସ୍ଥିର ରହିଛି , ଆୟତନ ଏବଂ ଲୋକସଂଖ୍ୟା ଦୃଷ୍ଟିରୁ ପଡ଼ୋଶୀ ୩ ଟି ରାଜ୍ୟ , ଓଡ଼ିଶା ତୁଳନାରେ ଛୋଟ ଥିବା ସତ୍ତ୍ୱେ ସେଠିକାର MLA LAND FUND ର ଅର୍ଥରାଶି ଅଧିକ ରହିଛି ଏହାକୁ ବିଚାରକୁ ନେଇ ଓଡ଼ିଶାରେ MLA LAND FUND ର ବାର୍ଷିକ ଅର୍ଥରାଶି ୩ କୋଟିରୁ ୫ କୋଟିକୁ ବୃଦ୍ଧି କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ପରୀକ୍ଷା ବାତିଲ କରିବା ପାଇଁ ଯୋଜନା

626 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ OSSSC under ରେ R.I.A.R.I ଏବଂ ଅମିନ Post ରେ Posting ପାଇଁ September 20 ରୁ October 8 ତାରିଖ ମଧ୍ୟରେ ଯେଉଁ Examination ହୋଇଛି ଉକ୍ତ ପରୀକ୍ଷାରେ ଅନିୟମିତତା ହୋଇଛି କି ଯଦି ହଁ ତେବେ ଉକ୍ତ ପରୀକ୍ଷା Comcel ପାଇଁ ସରକାରଙ୍କର କିଛି ଯୋଜନା ଅଛି କି ?

----

## ବଜେଟ ବ୍ୟୟର ବିବରଣୀ

627 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

----

## Road Accident ନିୟନ୍ତ୍ରଣ ପାଇଁ ପଦକ୍ଷେପ

628 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଦିନକୁ ଦିନ Road accident ବଢି ଚାଲିଛି ଉକ୍ତ Road accident କୁ ନିୟନ୍ତ୍ରଣ କରିବା ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି?

----

## ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା

629 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ର ଅର୍ଥ ଚଳିତ ବର୍ଷ ପାଇଁ ପ୍ରସ୍ତାବ କେବେ ସୁଦ୍ଧା ଅନୁମୋଦନ ହେବ ?

----

## LAXMI BUS ପାଇଁ ବିଭିନ୍ନ ରୁଟରେ ଯାଉଥିବା ବସ

630 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ ଟି ବ୍ଲକ ରେ LAXMI BUS ପାଇଁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ କେଉଁ ରୁଟରେ କେତୋଟି ବସ୍ ଚଳାଉଛି ଓ ସେଥିରେ ୨୦୨୩-୨୪ ବର୍ଷରେ କେତେ ମହିଳା ଯାତ୍ରୀ ଯାତାୟତ କରିଛନ୍ତି ସେମାନଙ୍କଠାରୁ କେତେ ଭଡ଼ା ଆଦାୟ କରାଯାଇଛି ଏବଂ କେଉଁ ସଂସ୍ଥା ଏହି ବସ୍ ଗୁଡ଼ିକର ଇନ୍ଧନ, ରକ୍ଷଣାବେକ୍ଷଣ ଖର୍ଚ୍ଚ ଓ କର୍ମଚାରୀଙ୍କ ଦରମା ବାବଦରେ ଉକ୍ତ ବର୍ଷରେ କେତେ ଖର୍ଚ୍ଚ ହୋଇଛି ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଏହି ବସ୍ ଗୁଡ଼ିକରେ ୨୦୨୩-୨୪ ବର୍ଷରେ କେତେ ଲାଭ/କ୍ଷତି ହୋଇଛି ?

----

## ମହଜୁଦ ଥିବା ଲୁହାପଥରର ପରିମାଣ

631 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୁରଭଞ୍ଜ ଜିଲ୍ଲା ରେ ଲୁହାଖଣି ପଟ୍ଟାଦାରଙ୍କ ଖଣିରେ ଉତ୍ତୋଳିତ ହୋଇ ବିକ୍ରିନ ହୋଇ ମହଜୁଦ ଥିବା ସବଗ୍ରେଡ୍/ ଲୋଗ୍ରେଡ୍ (କେଉଁ କେଉଁ ଗ୍ରେଡର) ଲୁହାପଥରର ପରି ମାଣ ଏବଂ ମୂଲ୍ୟ ସମ୍ପର୍କିତ ଖଣି ୱାରୀ ବିବରଣୀ ପ୍ରଦାନ କରିବେ କି, ମହଜୁଦ ଥିବା ସବଗ୍ରେଡ୍ ଲୁହାପଥର ମଧ୍ୟରୁ 2014-15 ରୁ 2023-24 ବର୍ଷ ମଧ୍ୟରେ କେଉଁ କେଉଁ ପଟ୍ଟାଦାର (ମହଜୁଦ୍ ସବଗ୍ରେଡ୍ ଲୁହାପଥରର) କେତେ ପ୍ରତିଶତ ମୂଲ୍ୟଯୁକ୍ତ ଉତ୍ପାଦନରେ ବିନିଯୋଗ କରିଛନ୍ତି, 2024 ମାର୍ଚ୍ଚ ସୁଦ୍ଧା ଖଣି ଲିଜ୍ ଶେଷ ହେବାକୁ ଥିବା କେଉଁ କେଉଁ ଖଣିରେ ମହଜୁଦ୍ ଥିବା ସବଗ୍ରେଡ୍ ଲୁହାପଥରକୁ କିଭଳି ବିନିଯୋଗ କରାଯିବ ଓ ସେଥିପାଇଁ କି କି ଯୋଜନା ପ୍ରସ୍ତୁତ ହୋଇଛି ?

----

## ନଦିବନ୍ଧର ମରାମତି

632 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ସମଗ୍ର କେନ୍ଦୁଝର ଜିଲ୍ଲାରେ ବୈତରଣୀ ଓ କୁଶେଇ ଏବଂ ଅନ୍ୟାନ୍ୟ ନଦୀ ମାନଙ୍କରେ କେତେ କିଲୋମିଟର ଦୌର୍ଘ୍ୟ (Embankment) ଅଛି ଏ ମଧ୍ୟରୁ ଅନେକ ସ୍ଥାନରେ ନିୟମିତ ମରାମତି ଅଭାବରୁ କିଛି ନଦୀ ବନ୍ଧ ଦୁର୍ବଳ ହୋଇଥିବା ସରକାର ଜାଣନ୍ତି କି, ଏ ସବୁ ନଦୀ ବନ୍ଧ ର ମରାମତି ପାଇଁ ଏ ବର୍ଷ ବଜେଟ ରେ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ଜଣାଇବେ କି ବୈତରଣୀ left Embankment କାମ ସମ୍ପୂର୍ଣ ହୋଇନଥିବା ଦୃଷ୍ଟିରୁ ହାଟଡିହି ବ୍ଲକ ର ୭/୮ ପଞ୍ଚାୟତରେ ପ୍ରତି ବର୍ଷ ନିୟମିତ ଫସଲ ଜଳମଗ୍ନ ଜନିତ କ୍ଷତି ହେଉଥିବା ସରକାର ଜାଣନ୍ତି କି ଏହି ବାମ ପାର୍ଶ୍ଵ ନଦୀ ବନ୍ଧ ସମ୍ପୂର୍ଣ କରିବା ପାଇଁ ବଜେଟ ବ୍ୟବସ୍ଥା କରିବେ କି Batto Ranapur ବୈତରଣୀ ଦକ୍ଷିଣ ପାର୍ଶ୍ଵ ନଦୀବନ୍ଧ (Embankment road) ନିର୍ମାଣ ବ୍ୟବସ୍ଥା କେଉଁ ସ୍ତରରେ ଅଛି ଏହାର ନିର୍ମାଣ କେବେ ହେବ ?

----

## ବାସ ଉପଯୋଗୀ ଭୂମି ନଥିବା ଲୋକଙ୍କ ସଂଖ୍ୟା

633 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଏବେ ସୁଦ୍ଧା କେନ୍ଦୁଝର ଜିଲ୍ଲାରେ ବାସ ଉପଯୋଗୀ ଭୂମି ନଥିବା (Home Stead) ଲୋକଙ୍କ ସଂଖ୍ୟା କେତେ ଏଭଳି ଭୂମିହୀନ ଲୋକଙ୍କୁ ଘର ଡିହ ପଟ୍ଟା ଦେବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ତହସିଲ ୱାରୀ, RI Circle ୱାରୀ ଏହାର ତଥ୍ୟ ପ୍ରଦାନ କରିବେକି କେବେ ସୁଦ୍ଧା ଯୋଗ୍ୟ ଲୋକଙ୍କୁ ପଟ୍ଟା ଦେବାର ବ୍ୟବସ୍ଥା ହେବ ?

----

## କେନ୍ଦୁଝର ଜିଲ୍ଲାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ

634 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଦୁର୍ଗତ ଜନସାଧାରଣଙ୍କ ସୁରକ୍ଷା ପାଇଁ କେଉଁ ବ୍ଲକ ଓ ପୌରାଞ୍ଚଳରେ କେଉଁ କେଉଁ ଠାରେ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ଧୀନ ଅଛି ବା ନିର୍ମାଣର ପ୍ରସ୍ତାବ ଅଛି ଜିଲ୍ଲାରେ ବାତ୍ୟା ଓ ବନ୍ୟା ପ୍ରବଣ ଅଞ୍ଚଳରେ ଅଧିକ ଆଶ୍ରୟ ସ୍ଥଳୀ ନିର୍ମାଣ ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ପୂର୍ବରୁ ନିର୍ମିତ ବାତ୍ୟା ବନ୍ୟା ଆଶ୍ରୟ ସ୍ଥଳୀ ଗୁଡିକ ଭାଙ୍ଗିରୁଜି ଯାଇଥିବା ଦୃଷ୍ଟିରୁ ଏଗୁଡିକର ରକ୍ଷଣା ବେକ୍ଷଣା ଓ ମରାମତି ନିମନ୍ତେ ସରକାର କୌଣସି ବ୍ୟବସ୍ଥା କରିଛନ୍ତି କି ?

----

## ସରକାରୀ ସୂଚନା ପହଞ୍ଚାଇବା ନିମନ୍ତେ ଯୋଜନା

635 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କ ପାଇଁ ସରକାରୀ ସୂଚନା ପହଞ୍ଚାଇବା ନିମନ୍ତେ ସୂଚନା ଓ ଲୋକସମ୍ପର୍କ ବିଭାଗର କିଛି ବିଶେଷ ଯୋଜନା ଅଛି କି ଏଥିସହିତ ସୋସିଆଲ ମିଡିଆରେ ପ୍ରସାରିତ ଭୁଲ ତଥ୍ୟ ଏବଂ ମିଥ୍ୟା ଖବର ପ୍ରସାରଣକୁ ନିଷିଦ୍ଧ କରିବା ପାଇଁ କଣ ପଦକ୍ଷେପ ନେଉଛନ୍ତି ?

----

## ଇସ୍ପାତ କାରଖାନାର ସାମ୍ପ୍ରତିକ ସ୍ଥିତି

636 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସମଗ୍ର ରାଜ୍ୟରେ କେତୋଟି ଇସ୍ପାତ କାରଖାନା କେଉଁ କେଉଁ ଜିଲ୍ଲାରେ ଅଛି ଏବଂ ସେଗୁଡିକର ସାମ୍ପ୍ରତିକ ସ୍ଥିତି କଣ ଅଛି ତାହାର ଏକ ବିବରଣୀ ପ୍ରଦାନ କରିବେ କି ଏଥି ସହିତ ରାଜ୍ୟରେ ପ୍ରସ୍ତାବିତ ନୂତନ ଇସ୍ପାତ କାରଖାନା ଏବଂ ଇସ୍ପାତ ଓ ଖଣି କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ପାଇଁ କଣ ପଦକ୍ଷେପ ନେଉଛନ୍ତି ?

----

## ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗ

637 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

## କ୍ଷତିଗ୍ରସ୍ତ ଦେବଗଡ ଜିଲ୍ଲାର ଉନ୍ନତି

638 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ବହୁମୂଖୀ ଯୋଜନା ଅନୁଯାୟୀ ସତୁରୀ ଦଶକରେ ନିର୍ମାଣ ଆରମ୍ଭ କରି ଅଶି ଦଶକରେ ସମ୍ପୂର୍ଣ୍ଣ ହୋଇଥିବା ରେଙ୍ଗାଳୀ ନଦୀବନ୍ଧ ର ଉପରି ଭାଗରେ କ୍ଷତିଗ୍ରସ୍ଥ ଦେବଗଡ ଜିଲ୍ଲାର ଉନ୍ନତି ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ଯଦି ନାହିଁ ତା ହେଲେ ବିଭାଗ ତରଫରୁ ଏକ କମିଟୀ ଗଠନ କରି ଉପରିମୁଣ୍ଡ ର ଉନ୍ନତି ତଥା କ୍ଷତିଗ୍ରସ୍ଥଙ୍କର ଉନ୍ନତି ନିମିତ୍ତ କୌଣସି ପରିକଳ୍ପନା କରିବାର ଯୋଜନା ଅଛି କି ?

----

## HI-TECH ସର୍ଭେ କାର୍ଯ୍ୟ

639 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବର୍ତମାନ ସୁଦ୍ଧା କେତେଗୋଟି ଜିଲ୍ଲାରେ HI-TECH ସର୍ଭେ କାର୍ଯ୍ୟ ସମ୍ପୁର୍ଣ୍ଣ ହୋଇଅଛି ଏବଂ କେତେଗୋଟି ଜିଲ୍ଲାରେ ଚାଲୁଅଛି ଦେବଗଡ ଜିଲ୍ଲାରେ ହୋଇଥିବା HI-TECH ସର୍ଭେ କାର୍ଯ୍ୟରେ ଅଧିକାଂଶ ସ୍ଥାନରେ ବହୁମାତ୍ରାରେ ଭୁଲ ହୋଇଅଛି ତାହାର ନିରାକରଣ ନିମିତ୍ତ ସରକାର କଣ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଦେବଗଡରେ ଖଣି କାର୍ଯ୍ୟାଳୟରେ ଥିବା ଅଧିକାରୀଙ୍କ ସଂଖ୍ୟା

640 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ୨୦୨୪ ମ ୫ ମାର୍ଚ୍ଚ ମାସରୁ ଦେବଗଡ ଜିଲ୍ଲାରେ ଖଣି ବିଭାଗ ଏକ କାର୍ଯ୍ୟାଳୟ ଚାଲୁଅଛି, ଦେବଗଡ ଜିଲ୍ଲା ଖଣି କାର୍ଯ୍ୟାଳୟରେ କେତେଜଣ ଅଧିକାରୀଙ୍କ ସହ ଅନ୍ୟାନ୍ୟ କେତେଜଣ କର୍ମଚାରୀ ରହିବାର ଆବଶ୍ୟକତା ଅଛି ଏବଂ ବର୍ତମାନ କେତେଜନଙ୍କୁ ନିଯୁକ୍ତି ଦିଆଯାଇଅଛି ତାର ସମ୍ପୁର୍ଣ୍ଣ ବିବରଣୀ ପ୍ରଦାନ କରିବେକି ?

----

## ଜଳସେଚନ ପ୍ରକଳ୍ପର ନାମ

641 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବିଷମକଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ କେତୋଟି ଜଳ ସେଚନ ପ୍ରକଳ୍ପ, କେନାଲ, ଡ୍ୟାମ, ଚେକ ଡ୍ୟାମ,ଉଠା ଜଳ ସେଚନ ପ୍ରକଳ୍ପ ରହିଛି,ସେ ଗୁଡିକର ନାମ, ଠିକଣା ସେଗୁଡିକର ମରାମତି, ରକ୍ଷଣା ବେକ୍ଷଣ, ପୁନଃରୁଦ୍ଧାର ପାଇଁ ସରକାର ବିଗତ ଦଶ ବର୍ଷ ମଧ୍ୟରେ କେତେ ଟଙ୍କା ବ୍ୟୟ କରିଛନ୍ତି, ବ୍ଲକ ୱାରୀ, ପଞ୍ଚାୟତ ୱାରୀ ତଥ୍ୟ ପ୍ରଦାନ କରିବାସହ ଅନୁରୂପ ଭାବେ ବିଗତ ଦଶ ବର୍ଷ ମଧ୍ୟରେ ବିଷମକଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକରେ କେତୋଟି ଚେକ ଡ୍ୟାମ ନିର୍ମାଣ କରାଯାଇଛି,ସେଥିପାଇଁ କେତେ ଟଙ୍କା ବ୍ୟୟ ହୋଇଛି,ପଞ୍ଚାୟତ ୱାରୀ ତାଲିକା, ଠିକଣା ଓ ଖର୍ଚ୍ଚ ହୋଇଥିବା ରାଶି ଆଦି ତଥ୍ୟ ପ୍ରଦାନ କରିବେକି, ଏଥିସହ ବିଷମକଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ ନୂତନ ଜଳ ସେଚନ ପ୍ରକଳ୍ପ, କେନାଲ, ଡ୍ୟାମ, ଚେକ ଡ୍ୟାମ ଉଠା ଜଳ ସେଚନ ପ୍ରକଳ୍ପ ପାଇଁ ସରକାରଙ୍କ କଣ ସବୁ ପ୍ରସ୍ତାବ ରହିଛି ?

----

## ମୁଖ୍ୟରାସ୍ତାର ଜବରଦଖଲ ଥିବା ସ୍ଥାନକୁ ଜବରଦଖଲମୁକ୍ତ କରିବା ସମ୍ପର୍କରେ

642 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଭାଗ ପକ୍ଷରୁ ଜାରି କରାଯାଇଥିବା ଚିଠି ସଂଖ୍ୟା 21୫55,ତା 06/7/24 ରେ ସହର ତଥା ଗ୍ରାମାଞ୍ଚଳ ମାନଙ୍କରେ ରହିଥିବା ସରକାରୀ ଜମି ଗୁଡିକୁ ଜବରଦଖଲ ମୁକ୍ତ କରିବାକୁ ନିର୍ଦ୍ଦେଶ ରହିଥିଲା ଏହି ପରିପ୍ରେକ୍ଷୀରେ ବିଷମକଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକ ଗୁଡିକର ବିଭିନ୍ନ ପଞ୍ଚାୟତ ମାନଙ୍କରେ ଏବଂ ବିଷମକଟକ ପଞ୍ଚାୟତ ମୁଖ୍ୟ ରାସ୍ତାର କେତେ ସବୁ ସରକାରୀ ସ୍ଥାନ ଜବରଦଖଲ ରହିଛି, କେତେ ସବୁ ମୁଖ୍ୟ ରାସ୍ତାରେ ଥିବା ସ୍ଥାନ ଜବରଦଖଲ ଥିବା ତହସିଲଦାରଙ୍କ ପାଖରେ ଅଭିଯୋଗ ରହିଛି, କଣ ପଦକ୍ଷେପ ଗ୍ରହଣ କରାଯାଇଛି, କେତେ ମୁଖ୍ୟ ରାସ୍ତାରୁ ଜବର ଦଖଲ ଥିବା ସ୍ଥାନ ଜବର ଦଖଲ ମୁକ୍ତ କରାଯାଇଛି, କେତେ ଜଣକୁ ଉଚ୍ଛେଦ ନୋଟିସ ଜାରି କରାଯାଇଛି ?

----

## ରାଜ୍ୟ ଅନୁଦାନରୁ ଅତିରିକ୍ତ 20 ଲକ୍ଷଟଙ୍କା ପ୍ରଦାନ ପାଇଁ ପଦକ୍ଷେପ

643 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## କ୍ଷୟକ୍ଷତିର ବିବରଣୀ

644 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ନିକଟ ଅତିତରେ ହୋଇଥିବା ବାତ୍ୟା ଦାନା ରେ କେତେ ପରିମାଣର ଧନ ସମ୍ପତ୍ତି ନଷ୍ଟହୋଇଅଛି ଓ କେତେ ଜଣ ବିଭିନ୍ନ କାରଣରୁ ପ୍ରାଣ ହରାଇଛନ୍ତି ତାର ତହସିଲ ଓ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ବାତ୍ୟା ମୁକାବିଲା ଓ କ୍ଷୟକ୍ଷତିର ଭରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ଠାରୁ କି କି ସହାୟତା ଯୋଗାଇ ଦିଆଯାଇଛି ?

----

## Improvement of Kuanria drainage system

645 **Shri Ramesh Chandra Behera (Daspalla):**

Will the **Chief Minister** be pleased to state that:-:- In order to ensure proper drainage of rain and flood water, will the Govt. consider to improve the Kuanria Drainage System under Dasapalla Block and Dahuka Drainage system under Nuangaon Block on priority ?

----

## ବସ ଷ୍ଟାଣ୍ଡ ନିର୍ମାଣ

646 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା ଠାରେ ଏକ ଆଦର୍ଶ ବସଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଥିଲେ ସୁଧା ଅଦ୍ୟାବଧି ନହେବାର କାରଣ କଣ ଓ କେବେ ସୁଧା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାପାଇଁ ସ୍ଥିର କରିଛନ୍ତି ?

----

## ରାଜସ୍ୱ ଆୟ ପରିମାଣ

647 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗିର ଜିଲ୍ଲା ଓ ବିଶେଷ କରି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ବ୍ୟବସାୟ ନିମନ୍ତେ କେତେ ଗୋଟି ହୋଲସେଲର ଏବଂ ଖୁଚୁରା ବ୍ୟବସାୟ ଅନୁଷ୍ଠାନକୁ ରେଜିଷ୍ଟ୍ରଭୁକ୍ତ ହୋଇଅଛି ଏବଂ ଆର୍ଥିକ ବର୍ଷ ୨୦୨୦-୨୧ ରୁ ୨୦୨୩-୨୪ ମଧ୍ୟରେ ସେମାନଙ୍କ ଠାରୁ ବାର୍ଷିକ କେତେ ଟଙ୍କା ରାଜସ୍ୱ ଆଦାୟ କରାଯାଉଅଛି ?

----

## କଣ୍ଟାବାଞ୍ଜି ସହରରେ ସୂଚନା ଓ ଲୋକ ସମ୍ପର୍କ ଶାଖା ଖୋଲିବା ପାଇଁ ପଦକ୍ଷେପ

648 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- (କ) କଣ୍ଟାବାଞ୍ଜି ସହରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଏକ ଶାଖା ପରିଚାଳିତ ହେଉଅଛି କି, ଯଦି ହଁ, ତେବେ ସହରର କେଉଁ ସ୍ଥାନରେ ଏହାର କାର୍ଯ୍ୟାଳୟ ଅଛି ଏବଂ କେତେଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି, ଏହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ; (ଖ) ଯଦି ନାହିଁ, ତେବେ କଣ୍ଟାବାଞ୍ଜି ସହରରେ ସୂଚନା ଓ ଲୋକ ସମ୍ପର୍କର ଶାଖା ଖୋଲିବା ପାଇଁ ବିଚାର କରିବେ କି ?

----

## ଖଣି ଉତ୍ତୋଳନ

649 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ବଲାଙ୍ଗିର ଜିଲ୍ଲାରେ କେଉଁ କେଉଁ ଖଣିର କେତେ ହେକ୍ଟର ଜମିରୁ କେଉଁ ପଦାର୍ଥ ଉତ୍ତୋଳନ କରାଯାଉଛି ଓ ଏଥିପାଇଁ କେଉଁ ସଂସ୍ଥା ଗୁଡ଼ିକୁ ଲାଇସେନ୍ସ ପ୍ରଦାନ କରାଯାଇଛି ; (ଖ) 2023-24 ଓ 2024-25 ବର୍ଷରେ ବଲାଙ୍ଗିର ଜିଲ୍ଲାର କେଉଁ ଖଣିରୁ କେତେ ପରିମାଣର ଖଣିଜ ପଦାର୍ଥ ଉତ୍ତୋଳନ କରାଯାଇ କେଉଁ ସ୍ଥାନକୁ ରପ୍ତାନୀ କରାଯାଇଛି ଏବଂ ଏହି ବାବଦକୁ କେତେ Royalty / ରାଜସ୍ୱ ସରକାର ପ୍ରାପ୍ତ କରିଛନ୍ତି ?

----

## ଟୋଲଗେଟ୍ ରେ ବେଆଇନ୍ କାର୍ଯ୍ୟ

650 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବାଲେଶ୍ୱର ଶେରଗଡ ସ୍ଥିତ ଟୋଲଗେଟ୍ ଲିଜ୍ ନେଇଥିବା ସଂସ୍ଥାର ପ୍ରୋତ୍ସାହନରେ ବାରମ୍ବାର ଅନୈତିକ ଗୋରୁ ଗାଡ଼ି ଛାଡ଼ିବା, ବିଭିନ୍ନ ଗାଡିକୁ Fast Track Bay ରେ ବିନା ରସିଦରେ ଅର୍ଥ ନେଇ ପାସ୍ କରିବା ଅଭିଯୋଗ ସମ୍ବନ୍ଧରେ ବିଭାଗ ପାଖେ ସୂଚନା ଅଛି କି, ଯେହେତୁ ବାରମ୍ବାର ଏହି ଅଭିଯୋଗ ଆସୁଛି ତେଣୁ ଉକ୍ତ ଟୋଲଗେଟ୍ କୁ ଯାଞ୍ଚ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି (Special Audit) ପଠାଇବେ କି, ଏବଂ ଏହି ଟୋଲଗେଟ୍ ଟେଣ୍ଡର ନେଇଥିବା ସଂସ୍ଥାର ସର୍ତ୍ତାବଳୀ ତଥା ଅବଧି କାଗଜର ତଥ୍ୟ ପ୍ରଦାନ କରିବେ କି ?

----

## Drainage ବିଭାଗର ବଜେଟ୍ ବୃଦ୍ଧି ପାଇଁ ପଦକ୍ଷେପ

651 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- (କ) ଗତ ୨୨, ୨୩, ୨୪ ଆର୍ଥିକ ବର୍ଷରେ ରାଜ୍ୟରେ ଜଳ ସମ୍ପଦ ବିଭାଗ ପାଇଁ କେତେ ଅର୍ଥ ବ୍ୟୟବରାଦ କରାଯାଇଛି, ତନ୍ମଧ୍ୟରୁ ଡ୍ରେନେଜ ପାଇଁ କେତେ ଆର୍ଥ ବ୍ୟବସ୍ଥା କରାଯାଇଅଛି ଏବଂ ସମ୍ପୂର୍ଣ୍ଣ ବିଭାଗକୁ ଅନୁମୋଦିତ ଅର୍ଥର କେତେ ଶତକଡ଼ା ଡ୍ରେନେଜକୁ ମିଳିଛି, ରାଜ୍ୟରେ ଦିନକୁ ଦିନ water logging ସମସ୍ୟା ଜଟିଳ ହେଉଥିବା ବେଳେ drainage ବିଭାଗର ବଜେଟ୍ ବୃଦ୍ଧି କରିବା ପାଇଁ ସରକାର ନିଷଭି ନେବେ କି ଏବଂ ଆର୍ଥିକ ବର୍ଷ ୨୪/୨୫ ପାଇଁ ଗତ ବର୍ଷ ତୁଳନାରେ କେତେ ଅର୍ଥ ଅଧିକ ଦେବେ କହିବେ କି ; (ଖ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଜଳ ନିଷ୍କାସନ ଓ drainage ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି ତେଣୁ ଉକ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ଚଳିତ ଆର୍ଥିକ ବର୍ଷରେ ବାଲେଶ୍ୱର drainage division କୁ କେଉଁ head ରେ କେତେ ଅର୍ଥ ଦେବେ?

----

## Mutation ଏବଂ Demarcation କାର୍ଯ୍ୟ

652 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ː**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବାଲେଶ୍ୱର ତହସିଲରେ mutation ଓ Demarcation ଭଳି ଆଜି ତାରିଖ ଯାଏଁ କେତେ ସଂଖ୍ୟକ କେସ ବିଚାରାଧୀନ ଅଛି, ଜୁଲାଇ ମାସରୁ ଅଦ୍ୟାବଧି କେଉଁ ତାରିଖରେ କେତେ କେସ clear ହୋଇଛି ଏବଂ ଦିର୍ଘ ଦିନ ଧରି କେସ ଗୁଡିକ clear ନ ହେବାର କାରଣ କଣ, ଦିନକୁ କେତେ mutation, Demarcation ବା ଏହି ସମ୍ବନ୍ଧୀୟ କାର୍ଯ୍ୟ clear ହେଉଛି ?

----

## ଜବରଦଖଲ ହଟାଇବା ପାଇଁ ପଦକ୍ଷେପ

653 **ଶ୍ରୀମତୀ ସୀମାରାଣୀ ନାୟକ (ହିନ୍ଦୋଳ)ː**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) କଟକ ଜିଲ୍ଲାସ୍ଥିତି ଆଠଗଡ ଠାରେ ଗଢି ଉଠିଥିବା ଆରତୀ ଷ୍ଟିଲ ଆଣ୍ଡ ପାୱାର କମ୍ପାନୀ କେତେ ପରିମିତ ଜମି ଉପରେ ଗଢି ଉଠିଅଛି ଏବଂ କେତେ ଲିଜ୍ ସୂତ୍ରରେ ନେଇଛି ଏବଂ କେତେ ଜମି ଜବରଦଖଲ ରହିଛି, ଏ ନେଇ କେବେ କେଉଁମାନେ ଅଭିଯୋଗ କରିଛନ୍ତି ଜଣାଇବା ସହ ଏହି ଅଭିଯୋଗ ଆଧାରରେ କେବେ ତଦନ୍ତ ହୋଇଛି, ଯଦି ହୋଇନାହିଁ, ତାହାର କାରଣ କ'ଣ ଜଣାଇବା ସହିତ ତା'ର ସ୍ପଷ୍ଟ ବିବରଣୀ ପ୍ରଦାନ କରିବେ କି ;ଏବଂ ବିନା ଅନୁମତିରେ ସରକାରୀ ଜମି, (ଖ) କଖଡି ଗ୍ରାମ ଖାତା ନଂ-୫୪୦ ପ୍ଲଟ୍ ନଂ ୭୩୩ ସଦର କଟକ ତହସିଲ ଉପରେ କିପରି କିପରି ଇନଟେକ୍ ୱେଲ୍ କରିଅଛି ?

----

## ସ୍ଥାନୀୟ ପ୍ରାର୍ଥୀଙ୍କୁ ନିଯୁକ୍ତି ସମ୍ପର୍କରେ

654 **ଶ୍ରୀମତୀ ସୀମାରାଣୀ ନାୟକ (ହିନ୍ଦୋଳ)ː**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କଟକ ଜିଲ୍ଲାରେ ଗଢ଼ିଉଠିଥିବା ଆରତୀ ଷ୍ଟିଲ୍ ଆଣ୍ଡ ପାୱାର ପ୍ଲାଣ୍ଟର ଦୈନିକ କେତେ ଜଳ କେଉଁ କେଉଁ ଉତ୍ସରୁ ଗ୍ରହଣ କରୁଅଛି, ତା'ର ଆବଶ୍ୟକତା ଠାରୁ ଅଧିକ ଜଳ ଜଳକୁ ବ୍ୟବହାର କରୁଥିବାରୁ ବାରମ୍ବାର ସାଧାରଣ ଜନସାଧାରଣ ଅଭିଯୋଗ କରିଆସୁଥିଲେ ମଧ୍ୟ ବିଭାଗ ପକ୍ଷରୁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ଜଣାଇବେ କି ; (ଖ) ଏ ଅଞ୍ଚଳର ଚାଷଜମି ଏହି ପ୍ଲାଣ୍ଟ ଦ୍ୱାରା ଅତ୍ୟଧିକ କ୍ଷୟକ୍ଷତି ଭରଣ ପାଇଁ କମ୍ପାନୀ କି ପଦକ୍ଷେପ ଗ୍ରହଣ କରିଛି ଜଣାଇବେ କି, ଏବଂ ସ୍ଥାନୀୟ ନିଯୁକ୍ତି କ୍ଷେତ୍ରରେ ହୋଇଥିବା ଚୁକ୍ତି ଅନୁଯାୟୀ ବ୍ୟତିକ୍ରମ କରିଥିବା ସତ୍ୟ କି, ଯଦି 'ହଁ' ତେବେ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ?

----

## ଚାଷୀଙ୍କୁ କ୍ଷତିପୂରଣ

655 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ବର୍ଷ Nov-23 ତାରିଖରେ "DANA" ନାମକ ବାତ୍ୟା ହେତୁ ସିମୁଳିଆ ଓ ଖଇରା ତହସିଲ ଅନ୍ତର୍ଗତ 60 ଗୋଟି ଗ୍ରାମ ପଞ୍ଚାୟତର ଚାଷଜମି ଜଳମଗ୍ନ ହୋଇ ଏକ ସପ୍ତାହରୁ ଅଧିକ ଦିନ ଜମିରେ ଜଳ ରହିଥିବା ନିକଟରେ ଥିବା କାଂଶ ବାଂଶ ନଦୀରୁ ବ୍ୟାପକ ଜଳ ଆସି ହଜାର ହଜାର ହେକ୍ଟର ଜମି ଚାଷ ନଷ୍ଟ ହୋଇଯାଇଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଉତ୍ତର 'ହଁ' ହେଲେ ସରକାର ଜିଲ୍ଲାପାଳଙ୍କ ଠାରୁ Report ତଲବ କରି ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ଜବରଦଖଲ ହଟାଇବା ପାଇଁ ପଦକ୍ଷେପ

656 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର ସରକାରୀ ଜମିରୁ ଜବର ଦଖଲକୁ ହଟେଇବା ପାଇଁ ସମସ୍ତ ଜିଲ୍ଲା Collector ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କି, ଯଦି 'ହଁ' ତେବେ ବାଲେଶ୍ୱର ଜିଲ୍ଲାପାଳ ସରକାରୀ ଜମିର ମୋଟ ପରିମାଣ କେତେ ଏବଂ ଅଦ୍ୟାବଧି କେତେ ପ୍ରତିଶତ ଉଚ୍ଛେଦ ହୋଇସାରିଛି ଏବଂ ଅବଶିଷ୍ଟ ଦଜରଦଖଲକାରୀଙ୍କ ଠାରୁ କେବେ ଉଚ୍ଛେଦ କରିବେ ଉତ୍ତର ରଖିବେ କି ?

----

## ମୟୂରଭଞ୍ଜ ଜିଲ୍ଲାରେ ଖାଲିଥିବା ପଦବୀ

657 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ତହସିଲ ଓ R.I ଅଫିସରେ କେଉଁ କେଉଁ ପଦବୀ ଖାଲିଅଛି, ଏହାର ଏକ ତାଲିକା ସମ୍ପୃକ୍ତ ତହସିଲ ଅଫିସ୍ ଏବଂ R.I ଅଫିସୱାରୀ ପ୍ରଦାନ କରିବେ କି, ଖାଲିଥିବା ଉକ୍ତ ପଦବୀ ଗୁଡିକ ପୂରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ଜବରଦଖଲ ମୁକ୍ତ ପାଇଁ ପଦକ୍ଷେପ

658 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମୟୂରଭଞ୍ଜ ଜିଲ୍ଲାରେ ଅଦ୍ୟାବଧି କେଉଁ କେଉଁ ଅଞ୍ଚଳରେ ସରକାରୀ ଜମି ଗୁଡିକ ବିଭିନ୍ନ ଲୋକ ଅନୁଷ୍ଠାନ ଓ କମ୍ପାନୀ ମାନଙ୍କ ଦ୍ୱାରା ଜବରଦଖଲରେ ଅଛି, ଜବରଦଖଲକାରୀଙ୍କୁ ହଟାଇ କେବେସୁଦ୍ଧା ଜବରଦଖଲ ମୁକ୍ତ କରାଯାଇ ସରକାରୀ ଖାତାକୁ ଅଣାଯିବ ଜଣାଇବେ କି ?

----

## ପଦବୀ ପୂରଣ

659 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ବର୍ତ୍ତମାନ Minor Minerals ରୁ revenue ଆଦାୟ ତଥା ତଦାରଖ Revenue Deptt. ଅଧିକାରୀଙ୍କ ଠାରୁ withdraw କରି Odisha Steel & Mines Deptt. ରେ ନ୍ୟସ୍ତ ହେବାପରେ Deogarh Tahasildar & Addl. Tahasildar ଏଥିରେ ବ୍ୟତିକ୍ରମ କରୁଥିବା ସରକାରଙ୍କ ନଜରରେ ଅଛି କି, ଉତ୍ତର 'ହଁ' ହେଲେ ଏଥିପାଇଁ କେଉଁମାନେ ଦାୟୀ ତାହା ଚିହ୍ନଟ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପମାନ ଗ୍ରହଣ କରିବେ କି ; (ଖ) Deogarh Mining Office ରେ sanctioned strength ଅନୁସାରେ ପଦବୀ ପୂରଣ ହୋଇଥିବା ସତ୍ୟ ଅଟେ କି, ଉତ୍ତର 'ନାଁ' ହେଲେ ଏପରି sensitive issue ରେ କେତେଦିନ ମଧ୍ୟରେ ଏହା ସମ୍ପୂର୍ଣ୍ଣ ହେବ ?

----

## ହିତାଧିକାରୀ ମାନଙ୍କୁ ପଟ୍ଟା ବଣ୍ଟନ

660 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- UD ପ୍ରଶ୍ନ ସଂଖ୍ୟା-1431, dtd.10.12.2021 ରିଖ ଉତ୍ତର ପରିପ୍ରେକ୍ଷୀରେ ଭୁବନେଶ୍ୱର ତହସିଲ ଅଧିନସ୍ଥ ପଥରଗାଡିଆ ମୌଜା, ଖାତା ନଂ-1715, ପ୍ଲଟ ନଂ-343 ଏବଂ ଖାତା ନଂ-105, ପ୍ଲଟ ନଂ-202 ରେ ଥିବା ମୂଳ ସଂଖ୍ୟକ ଜମି ଏରିଆ ଠାରୁ ଅଧିକ ଜମି ବିକ୍ରୀ ହୋଇଥିବା ତଥ୍ୟ ସହ ଏଥିରେ ଅଯଥାରେ ଶିକାର ହୋଇଥିବା ପ୍ରଥମ ଖରିଦ୍ ଦାର ନିଜ କିଣା ଜମିରେ ଦଖଲରେ ଥାଇ ମଧ୍ୟ ତାଙ୍କୁ ପଟ୍ଟା ମିଳିବାରେ ଅସୁବିଧା ହେଉଥିବା ସରକାରଙ୍କର ନଜିରରେ ଅଛି କି, ଉତ୍ତର 'ହଁ' ହେଲେ ଉପରୋକ୍ତ ହିତାଧିକାରିଣୀ ମାନଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ପଟ୍ଟା ପାଇବାରେ ବ୍ୟବସ୍ଥା କରିବେ କି ?

----

## ଆଡିବନ୍ଧ ନିର୍ମାଣ

661 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ବଡସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡସାହି ବ୍ଲକରେ ଛେଳିଆ-କ ପଞ୍ଚାୟତରେ ତଳ ମାଙ୍କଡକେନ୍ଦା ଠାରୁ ବେଢାପାଳ ପର୍ଯ୍ୟନ୍ତ ଗଙ୍ଗାହାର ନଦୀ କଡରେ ଆଡିବନ୍ଧ ନିର୍ମାଣ କରିବାର କୌଣସି ଯୋଜନା ଅଛି କି, ଆଡିବନ୍ଧ ନିର୍ମାଣ ହେଲେ ହଜାର ହଜାର ଚାଷୀ ଉପକୃତ ହେବା ସଙ୍ଗେ ସଙ୍ଗେ ବନ୍ୟାରୁ ବି ଲୋକମାନେ ରକ୍ଷା ପାଇବେ, ତେଣୁ କେବେସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ?

----

## ପଥର ପ୍ୟାକିଂ ପାଇଁ ପଦକ୍ଷେପ

662 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ବଡସାହି ନିର୍ବାଚନ ମଣ୍ଡଳୀର ବେତନଟୀ ବ୍ଲକ ଅନ୍ତର୍ଗତ ପାଟଳିପୁରା ପଞ୍ଚାୟତ ଦେଇ ବୁଢାବଳଙ୍ଗ ନଦୀ ପ୍ରବାହିତ ହୋଇ ନାଖରା ପୋଲ ପାଖରେ ଶହ ଶହ ଏକର ଜମି ତଡା ଖାଇ ନଦୀରେ ବିଲିନ ହେବାର ଖବର ସରକାରଙ୍କ ପାଖରେ ଅଛି କି, ଯଦି 'ହଁ' ତାହେଲେ ନାଖରା ପୋଲ ପାଖରୁ ଖଣ୍ଡଦେଉଳା ପର୍ଯ୍ୟନ୍ତ ପଥର ପେଚିଙ୍ଗ କରିବେ କି, ହଜାର ହଜାର ଲୋକଙ୍କର ଜୀବନ ଜୀବିକା ଏବଂ ଧନଜୀବନର ସୁରକ୍ଷା ପାଇଁ କେବେସୁଦ୍ଧା ପଥର ପେଚିଙ୍ଗ କାମ ଆରମ୍ଭ କରିବେ ?

----

## ନୂତନ ରାଜସ୍ୱ ନିରୀକ୍ଷକ ଅଫିସ୍ ଗୃହ ନିର୍ମାଣ

663 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭୋଗରାଇ ନିର୍ବାଚନ ମଣ୍ଡଳୀରେ କେତୋଟି ରାଜସ୍ୱ ନିରୀକ୍ଷକ ଅଫିସ୍ ରହିଛି, ସେଥିମଧ୍ୟରୁ କେତୋଟିରେ ନୂତନ ଅଫିସ୍ ଗୃହ କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି, ଏବଂ କେତୋଟିର ନୂତନ ଅଫିସ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି, କେତୋଟି ଅଫିସ୍ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି ଏବଂ କେଉଁ କାରଣରୁ ଗୃହ ନିର୍ମାଣରେ ବିଳମ୍ବ ହେଉଛି ?

----

## ପଡା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା

664 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଭୋଗରାଇ ନିର୍ବାଚନ ମଣ୍ଡଳୀରେ କେତୋଟି ରାଜସ୍ୱ ଗ୍ରାମ ଓ କେତୋଟି ପଡା ଗ୍ରାମ ରହିଛି, ସେଥିମଧ୍ୟରୁ କେତୋଟି ପଡା ଗ୍ରାମକୁ ରାଜସ୍ୱ ଗ୍ରାମରେ ମାନ୍ୟତା ଦେବାକୁ କିଛି ପ୍ରସ୍ତାବ ରହିଛି କି ; (ଖ) ପଡା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାପାଇଁ ରାଜ୍ୟ ସରକାରଙ୍କ କ'ଣ ମାର୍ଗଦର୍ଶିକା ରହିଛି ?

----

## ବନ୍ଦର ନିର୍ମାଣ

665 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଥିବା ଅସ୍ତରଙ୍ଗ ଠାରେ ଜାହାନିଆଁ ଓ ପୁରୀ ବାଲି ହରଚଣ୍ଡି ମୁହାଣରୁ ବନ୍ଦର ନିର୍ମାଣ ପାଇଁ ପ୍ରସ୍ତାବ କାର୍ଯ୍ୟକାରୀ କରାଯାଉଛି କି, କେବେସୁଦ୍ଧା କାର୍ଯ୍ୟକାରୀ ହେବ?

----